R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୧୫
ତିଥି: ଷଷ୍ଠୀ
୧୬ ଅକ୍ଟୋବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
16 October 2026, Friday

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ସରିଲା ଛାତ୍ର ସଂସଦ ନିର୍ବାଚନ

# ଆଗରେ ଏବିଭିପି, ପଛରେ ବିସିଜେଡି



ଭୁବନେଶ୍ୱର, ୧୫ ।୧୦ (ସବ୍ୟୁ) : ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଗୁରୁବାର ଛାତ୍ର ସଂସଦ ନିର୍ବାଚନ ହୋଇଥିଲା । ଦୀର୍ଘ ୮ ବର୍ଷ ପରେ ନିର୍ବାଚନ ହେଉଥିବାରୁ କ୍ୟାମ୍ପସରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଉତ୍ସାହ ସହ ରାଜନୈତିକ ଗତିବିଧି ମଧ୍ୟ ତୀବ୍ର ହୋଇଥିବା ନଜରକୁ ଆସିଥିଲା । ଏବିଭିପି ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କଲେଜରେ ବିଜୟୀ ହୋଇଥିବା ସୂଚନା ମିଳିଥିବାବେଳେ ବିସିଜେଡି ୫୦ରୁ ଉର୍ଦ୍ଧ୍ୱ କଲେଜରେ ବିଜୟୀ ହୋଇଥିବା କୁହାଯାଉଛି । ତେବେ ଏନ୍‌ଏସ୍‌ୟୁଆଇର ପ୍ରଦର୍ଶନ ନିରାଶାଜନକ ହୋଇଛି ।

ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଲକ୍ଷାଧିକ ଛାତ୍ରଛାତ୍ରୀ ସେମାନଙ୍କ ନେତା ଚୟନ କରିଛନ୍ତି । ବାଲଟ୍ ପେପର ଓ ବାକ୍ସ ପ୍ରସ୍ତୁତି ହେବା ପରେ ସବୁ କ୍ୟାମ୍ପସ୍‌ରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ନିର୍ବାଚନକୁ ବାତିଲ କରାଯାଇଛି । ଚଳିତବର୍ଷ ୧୨ଟି ବିଶ୍ୱବିଦ୍ୟାଳୟ ସମେତ ୩୪୬ଟି ମହାବିଦ୍ୟାଳୟକୁ ମିଶାଇ ମୋଟ ୩୫୮ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ମତଦାନ ହୋଇଥିଲା । ୧୨ଟି ବିଶ୍ୱବିଦ୍ୟାଳୟର ବିଭିନ୍ନ ପଦବୀରେ ୩୫୮ ପ୍ରାର୍ଥୀ ଏବଂ ମହାବିଦ୍ୟାଳୟରେ ୬୮୯୧ ପ୍ରାର୍ଥୀ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲା ବେଳେ ସଭାପତି ପଦବୀରେ ମୋଟ ୮୬୬ ପ୍ରାର୍ଥୀ ରହିଥିବା ବେଳେ ଉପସଭାପତି ପ୍ରାର୍ଥୀ ଭାବେ ୭୧୬ ଓ ସାଧାରଣ ସମ୍ପାଦକ ପଦବୀ ପାଇଁ ୬୧୬ଜଣ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟରେ ସଭାପତି ପଦ ଲାଗି ପୁନଃ ଭୋଟ୍ ଗଣତି ଲାଗି ପ୍ରାର୍ଥୀଙ୍କୁ ଡାକରା ହୋଇଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟର ଫଳାଫଳ ଘୋଷଣା ହୋଇନଥିଲା । ବିଭିନ୍ନ କଲେଜରେ ଏବିଭିପି ଆଗରେ ଥିବାବେଳେ ବିସିଜେଡି ଦ୍ୱିତୀୟ ସ୍ଥାନରେ ଅଛି । ତୃତୀୟ ସ୍ଥାନରେ ଏନ୍‌ଏସ୍‌ୟୁଆଇ ରହିଛି । ଏନ୍‌ଏସ୍‌ୟୁଆଇର ୭ ଓ ଅନ୍ୟାନ୍ୟ ୭ଟି ସଭାପତି ପ୍ରାର୍ଥୀ ବିଜୟ ଲାଭ କରିଥିବା ଖବର ମିଳିଛି ।

ଭୁବନେଶ୍ୱର ବିଜେପି ଓ ରାଜଧାନୀ କଲେଜରେ ଏବିଭିପି ସଭାପତି ପ୍ରାର୍ଥୀ ବିଜୟଲାଭ କରିଥିବା ବେଳେ କମଳା ନେହରୁ ମହାବିଦ୍ୟାଳୟରେ ( ୯ ପୃଷ୍ଠାରେ)

- ⇨ ଅଧିକାଂଶ କଲେଜରେ ଉତ୍ତେଜନା
- ⇨ ରେଭେନ୍ସାରେ ବିସିଜେଡି, ଶୈଳବାଳାରେ ସ୍ୱାଧୀନ
- ⇨ ବିଜେବି, ରାଜଧାନୀରେ ଏବିଭିପି ବିଜୟୀ
- ⇨ ରମାଦେବୀରେ ପୁନଃ ଗଣତି ପାଇଁ ପ୍ରାର୍ଥୀଙ୍କୁ ଡାକରା
- ⇨ ସ୍ୱାଧୀନ ପ୍ରାର୍ଥୀଙ୍କ ଉଲ୍ଲେଖନୀୟ ସଫଳତା

## ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରୋତ୍ସାହନ ରାଶି ବୃଦ୍ଧି

ଭୁବନେଶ୍ୱର, ୧୫ ।୧୦ (ସବ୍ୟୁ) : ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ୨,୯୧,୬୬୬ ନୂଆ ଘର ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହା ସହିତ ଏହି ଯୋଜନାର କାର୍ଯ୍ୟକାଳ ମଧ୍ୟ ୨ ବର୍ଷ ବୃଦ୍ଧି ପାଇଛି । ୨୦୨୭ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ଏହାର ଅବଧି ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସମସ୍ତଙ୍କ ପାଇଁ ଘର ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍ ଶୀଘ୍ର ହାସଲ କରାଯିବ ।

ସୂଚନାଯୋଗ୍ୟ ଯେ, ଏହି ଯୋଜନାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚ ୭,୫୫୦ କୋଟି ଟଙ୍କା ପୂର୍ବ ପରି ଅପରିବର୍ତ୍ତିତ ରହିବ । ତେବେ ଏହି ପ୍ରକଳ୍ପର ୩,୫୦୦ କୋଟି ( ୯ ପୃଷ୍ଠାରେ)

**୨୦ ହଜାରରୁ ୩୫ ହଜାର, ୧୦ ହଜାରରୁ ୨୦ ହଜାର**

**୨,୯୧,୬୬୬ ନୂଆ ଘର ନିର୍ମାଣ ହେବ**

### ପଞ୍ଚାୟତ, ପୌର ନିର୍ବାଚନ ଲାଗି ପ୍ରସ୍ତୁତି

## ୨୬ରୁ ଘରକୁ ଘର ସର୍ଭେ

ଭୁବନେଶ୍ୱର, ୧୫ ।୧୦ (ସବ୍ୟୁ) : ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଚଳିତ ମାସ ୨୬ ତାରିଖରୁ ଘରକୁ ଘର ସର୍ଭେ ଆରମ୍ଭ ହେବ । ଏହି ପ୍ରକ୍ରିୟା ପରେ ଆସନ୍ତା ୨୦୨୭ ଜାନୁଆରୀ ୧ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଚିଠା ତାଲିକା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ଭୋଟରମାନଙ୍କୁ ୨୦ ଦିନର ସମୟ ଦିଆଯିବ । ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଏବଂ ଆବଶ୍ୟକୀୟ ପ୍ରକ୍ରିୟା ସମାପ୍ତ ହେବା ପରେ ଫେବୃଆରୀ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ।

ଏ ସମ୍ପର୍କରେ ଗୁରୁବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ କହିଥିଲେ, ଏହି ସର୍ଭେ ଦ୍ୱାରା ଗୋଟିଏ ପରିବାରର ସମସ୍ତ ଭୋଟରଙ୍କ ନାମ ସମାନ ୱାର୍ଡ ଓ ବୁଥର ଭୋଟର ତାଲିକାରେ (୯ ପୃଷ୍ଠାରେ)

## ଧର୍ମ ପରିବର୍ତ୍ତନ କଲେ ସଂରକ୍ଷଣ ସୁବିଧା ନାହିଁ

ନୂଆଦିଲ୍ଲୀ, ୧୫ ।୧୦ : ହିନ୍ଦୁ ଧର୍ମରୁ ଇସଲାମ ଧର୍ମକୁ ପରିବର୍ତ୍ତିତ ହୋଇଥିବା ବ୍ୟକ୍ତି ନିଜର ପୂର୍ବ ଜାତିଗତ ପରିଚୟ ଆଧାରରେ ପଛୁଆ ବର୍ଗର ସଂରକ୍ଷଣ ସୁବିଧା ଦାବି କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ତାମିଲନାଡୁ ସରକାରଙ୍କ ଏକ ଆଦେଶକୁ ଅସାମ୍ବିଧାନିକ ଦର୍ଶାଇ ମାଡ୍ରାସ ହାଇକୋର୍ଟ ରଦ୍ଦ କରିଥିବା ନିଷ୍ପତ୍ତିକୁ ସର୍ବୋଚ୍ଚ ନ୍ୟାୟାଳୟ କାଏମ ରଖିଛନ୍ତି ।

ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ହିନ୍ଦୁ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବା (୯ ପୃଷ୍ଠାରେ)

# ଏସ୍‌ଆଇଆର ମାମଲା : ଇସିଆଇ, ଇସିଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ଇଣ୍ଡିଆ ବ୍ଲକ ପକ୍ଷରୁ ଇଏସଆଇ ଓ ଏସଆଇଆରକୁ ନେଇ ଦାଖଲ ହୋଇଥିବା ଯାଚିକାରେ ସୁପ୍ରିମକୋର୍ଟ ନୋଟିସ ଇସୁ କରିଛନ୍ତି । ସୁପ୍ରିମକୋର୍ଟ ମୁଖ୍ୟ ନିର୍ବାଚନ କମିଶନ (ଇସିଆଇ) ଜ୍ଞାନେଶ କୁମାର ଓ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଯୋଶୀଙ୍କୁ ମଧ୍ୟ ନୋଟିସ ଦେଇଛନ୍ତି । ଇଣ୍ଡିଆ ବ୍ଲକ ପକ୍ଷରୁ ଏସଆଇଆରରେ ଅନୀୟ ମିତତା କରାଯାଇ ବହୁ ସଂଖ୍ୟାରେ ଭୋଟରଙ୍କ ନାଁ କଟା ଯାଇଥିବା ଅଭିଯୋଗ କରାଯାଇଛି । ଏତଦଭିନ୍ନ କୋର୍ଟ ମଧ୍ୟ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ଦଳ



### ରାହୁଲଙ୍କ ସମେତ ବିରୋଧୀ ନେତାଙ୍କୁ ନୋଟିସ୍

ନେତା ରାହୁଲ ଗାନ୍ଧୀ ସାମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ମଧ୍ୟ ନୋଟିସ ଇସୁ କରିଛନ୍ତି । ସେମାନେ ସୁପ୍ରିମକୋର୍ଟ ଯାଏଁ ଯେଉଁ ଶୋଭାଯାତ୍ରା କରିଥିଲେ ତାହାକୁ ନେଇ ଏହି ନୋଟିସ ଇସୁ କରାଯାଇଛି ।

ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲା ବାଗଚୀକୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣୀ କରି ଉପଯୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏମିତି କିଛି ନାହିଁ ଯେ, ଆମେ ଘଟଣା ବିଷୟରେ ଅବଗତ ନାହୁଁ, କେହି ବି ନ୍ୟାୟ ପାଳିକାକୁ ଡରାଇ ପାରିବେ ନାହିଁ । ଆମେ କୌଣସି ଉଚ୍ଚମହଲରେ ବସି ନାହୁଁ । ନେତାମାନେ ବାହାରେ କଣ ବୟାନ ଦେଉଛନ୍ତି ଓ ଅଦାଲତରେ କଣ ତଥ୍ୟ ରଖୁଛନ୍ତି ତାହା ଆମକୁ ଜଣା । ଆମେ ତାଙ୍କ ଆଚରଣ ବିଷୟରେ ପଚାରିବୁ । ନୋଟିସ ଦେବା ଅର୍ଥ ନୁହେଁ, ଆମେ କୌଣସି ଘଟଣାକୁ ନିନ୍ଦା କରୁଛୁ । ଆମେ ନିଶ୍ଚିତ ଭାବେ ଏହି ପ୍ରସଙ୍ଗ ଉଠାଇବୁ , ନୋଟିସ ପାଇଁ ଆମେ କୌଣସି ଦଳକୁ ନିନ୍ଦା କରୁନାହୁଁ । ସୁପ୍ରିମକୋର୍ଟ ମଧ୍ୟ ବିଭିନ୍ନ ଯାଚିକାକୁ ନେଇ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ନୋଟିସ କରିଛନ୍ତି । ଗତ ୧୨ ତାରିଖରେ କଂଗ୍ରେସ ସମେତ ଇଣ୍ଡିଆ ସମେତ ନେତାମାନେ (୯ ପୃଷ୍ଠାରେ)

## ସିଜେପି ଆନ୍ଦୋଳନରେ ରୋକ୍ ଲଗାଇଲେନି ହାଇକୋର୍ଟ

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): କକ୍ରୋଜ ଜନତା ପାର୍ଟି (ସିଜେପି) ର କନଟପ୍ଲେସରେ ଆସନ୍ତାକାଲି ହେବାକୁଥିବା ପ୍ରତିବାଦ ଉପରେ ରୋକ ଲଗାଇବାକୁ ଦିଲ୍ଲୀ ହାଇକୋର୍ଟ ମନା କରିଦେଇଛନ୍ତି । ସିଜେପି ମୁଖ୍ୟ ଅଭିଜିତ ଦୀପକେ କନଟପ୍ଲେସରେ ଥିବା ସେଣ୍ଟ୍ରାଲ ପାର୍କରେ ଆସନ୍ତାକାଲି ପ୍ରତିବାଦ କରିବେ । କୋର୍ଟ ମଧ୍ୟ ଦିଲ୍ଲୀ ପୋଲିସକୁ କହିଛନ୍ତି ଯେ, ଭିଡକୁ ନିୟନ୍ତ୍ରିତ ଓ ବ୍ୟବସ୍ଥିତ କରିବା ପାଇଁ ଆଇନ ଅନୁଯାୟୀ ସବୁ ପଦକ୍ଷେପ ନେବେ ।

ଅକ୍ଟୋବର ୧୦ରେ ନିର୍ବାଚନ ଜାଲିଆତି ଅଭିଯୋଗରେ ଯନ୍ତରମନ୍ତରରେ ହୋଇଥିବା ୧୦୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଥିଲା । କଂଗ୍ରେସ ନେତୃତରେ ଇଣ୍ଡିଆ ବ୍ଲକ ଏହି ପ୍ରସଙ୍ଗ ନେଇ ଆନ୍ଦୋଳନ ( ୯ ପୃଷ୍ଠାରେ)



## ସାପର ଟ୍ୟୁମର ଚିକିତ୍ସା

ଛତିଶଗଡ଼ର ବିଳାସପୁରଠାରେ ପଶୁ ଚିକିତ୍ସକମାନଙ୍କ ସଫଳ ଅସ୍ତ୍ରୋପଚାର ଯୋଗୁଁ ଏକ ୮.୫ କିଲୋଗ୍ରାମ ଓଜନର ଭାରତୀୟ ରକ୍ ପାଇଥନ୍ ବା ଅଜଗର ସାପକୁ ନୂତନ ଜୀବନଦାନ ମିଳିଛି । ସରଗୁଜା ଜଙ୍ଗଲରୁ ସାପ ଉଦ୍ଧାରକାରୀ ସତ୍ୟମ୍ ଦ୍ୱିବେଦୀ ଏହି ଅଜଗରକୁ ଉଦ୍ଧାର କରିଥିଲେ । ହେଲେ ଏହାର ଗଳାରେ ଅତ୍ୟଧିକ ଫୁଲା ଯୋଗୁଁ ମୁହଁ ବାହାରକୁ ବାହାରି ଆସିଥିଲା । ଯାହାପରେ ସାପଟିକୁ ନେଇ ଗତ ୧୨ ଅକ୍ଟୋବରରେ ସତ୍ୟମ୍ ୨୫୦ କିଲୋମିଟର ଦୂର ବିଳାସପୁର ଗସ୍ତ କରିଥିଲେ । ଯେଉଁଠାରେ ଚିକିତ୍ସକମାନେ ପରୀକ୍ଷା ନିରୀକ୍ଷା ପରେ ଏହାର ପାଟି ଭିତରେ କ୍ୟାନ୍ସର ଆଶଙ୍କା ଥିବା ଏକ ୨୦୦ ଗ୍ରାମର ଟ୍ୟୁମର୍ ଚିହ୍ନଟ କରିଥିଲେ । ୨ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଏହି ଜଟିଳ ଅପରେସନ୍ ମାଧ୍ୟମରେ ଟ୍ୟୁମରକୁ ସଫଳତାର ସହ ବାହାର କରାଯାଇଥିଲା । ଅପରେସନ୍ପରେ ସାପଟିକୁ ସାଲାଇନ୍ ଦିଆଯାଇ ବିଶେଷ ନଜରରେ ରଖାଯାଇଛି । କୌଣସି ସରୀସୃପ (ସାପ)ର ଟ୍ୟୁମର୍ ଅସ୍ତ୍ରୋପଚାର ସଫଳ ହେବାରେ ଏହା ପ୍ରଥମ ଘଟଣା ବୋଲି ଚର୍ଚ୍ଚାହେଉଛି ।






ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖ ଦିନ ବିଶ୍ୱବ୍ୟାପୀ 'ବିଶ୍ୱ ଖାଦ୍ୟ ଦିବସ' ଅତ୍ୟନ୍ତ ଗୁରୁତ୍ୱର ସହ ପାଳନ କରାଯାଏ । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱରୁ କ୍ଷୁଧା, କୁପୋଷଣ ଏବଂ ଖାଦ୍ୟ ଅସୁରକ୍ଷା ଭଳି ମାରାତ୍ମକ ସମସ୍ୟାଗୁଡ଼ିକୁ ଦୂର କରିବା । ଏହାସହିତ ସମସ୍ତଙ୍କ ପାଇଁ ପୌଷ୍ଟିକ ତଥା ନିରାପଦ ଖାଦ୍ୟର ଉପଲବ୍ଧତା ସୁନିଶ୍ଚିତ କରିବା । ଏହି ଦିବସର ଇତିହାସକୁ ଦୃଷ୍ଟିକୁ ଦେଲେ, ୧୯୪୫ ମସିହା ଅକ୍ଟୋବର ୧୬ ତାରିଖରେ ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ପ୍ରତିଷ୍ଠା ହୋଇଥିଲା । ଏହାର ସ୍ମୃତିକୁ ସମ୍ମାନ ଜଣାଇ ହଙ୍ଗେରୀର ପୂର୍ବତନ କୃଷି ଓ ଖାଦ୍ୟ ମନ୍ତ୍ରୀ ପାଲ ରେମାନଙ୍କ ପ୍ରସ୍ତାବ କ୍ରମେ ୧୯୭୯ ମସିହାରୁ ଏହି ଦିବସକୁ ବିଧିବଦ୍ଧ ଭାବେ ପାଳନ କରାଯାଇଆସୁଛି । ଆଜିର ସମୟରେ ଏହାର ଗୁରୁତ୍ୱ ଓ ମହତ୍ତ୍ୱ ଅତ୍ୟନ୍ତ ଅଧିକ । କାରଣ ଏହା କେବଳ ଖାଦ୍ୟ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରେ ନାହିଁ, ବରଂ ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ ଏବଂ କୃଷି କ୍ଷେତ୍ରର ସମସ୍ୟାଗୁଡ଼ିକ ବିରୁଦ୍ଧରେ ମିଳିତ ଭାବେ ଲଢ଼ିବା ପାଇଁ ସମଗ୍ର ବିଶ୍ୱବାସୀଙ୍କୁ ଏକାଠି କରିଥାଏ । ଏହି ଦିବସ ଆମକୁ ଖାଦ୍ୟର ଅପଚୟ ରୋକିବା, କୃଷକମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସୁଯୋଗ ଦେବା ଏବଂ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ଦୁଇ ମୁଠା ଖାଦ୍ୟ ପହଞ୍ଚାଇବା ପାଇଁ ଏକ 'ଶୂନ୍ୟ କ୍ଷୁଧା' ଯୁଗର ପରିକଳ୍ପନାକୁ ସାକାର କରିବାକୁ ପ୍ରେରଣା ଯୋଗାଇଥାଏ ।

## ଇତିହାସ


ନବୀନ ପଟ୍ଟନାୟକ

୧୯୦୫-ଭାଇସରୟ ଲର୍ଡ କର୍ଜନଙ୍କ ଆଦେଶରେ ବଙ୍ଗ ବିଭାଜନ ।
୧୯୩୯- ସାନ୍ତାଳି ଭାଷାର ବିଦ୍ୱାନ ଶିକ୍ଷାବିତ୍ ପଦ୍ମଶ୍ରୀ ଦିଗମ୍ବର ହାଂସଦାଙ୍କ ଜନ୍ମ ।
୧୯୪୮- ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଜନ୍ମ ।
୧୯୪୮- ସୁପ୍ରସିଦ୍ଧ ଅଭିନେତ୍ରୀ ହେମା ମାଳିନୀଙ୍କ ଜନ୍ମ ।
୧୯୫୧- ଏକ ଜନସଭାରେ ଯୋଗ ଦେଇଥିବା ବେଳେ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ ଅଲୀଙ୍କୁ ହତ୍ୟା ।
୧୯୬୮- ହରଗୋବିନ୍ଦ ଖୁରାନାଙ୍କୁ ଚିକିତ୍ସା କ୍ଷେତ୍ରରେ ନୋବେଲ ।
୧୯୭୮- ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ କପିଲ ଦେବଙ୍କ କ୍ରିକେଟ ପଦାର୍ପଣ ।
୧୯୮୩- ଭାରତର ମହାନ ଭୌତିକ ବିଜ୍ଞାନୀ ଓ ଗଣିତଜ୍ଞ ହରିଶ ଚନ୍ଦ୍ରଙ୍କ ନିଧନ ।
୧୯୫୯- ରାଷ୍ଟ୍ରୀୟ ମହିଳା ଶିକ୍ଷା ପରିଷଦର ସ୍ଥାପନା ।
୧୯୯୫- ଭାରତୀୟ ମହିଳା କ୍ରିକେଟର ଦେବା କୃଷ୍ଣମୂର୍ତ୍ତିଙ୍କ ଜନ୍ମ ।

## ଟ୍ରକରେ ବିବାହ ମଣ୍ଡପ

ହରିୟାଣାର ଗୁରୁଗ୍ରାମରେ ଏକ ନିଆରା ତଥା ଚର୍ଚ୍ଚିତ ବିବାହ ଦୃଶ୍ୟ ଦେଖିବାକୁ ମିଳିଛି । ଯେଉଁଠାରେ ଜଣେ ବର ଓ କନ୍ୟା ପାରମ୍ପରିକ ବିବାହ ମଣ୍ଡପ ବଦଳରେ ଏକ ଚଳନ୍ତା ଟ୍ରକ୍ ଭିତରେ ବିବାହ କରିଛନ୍ତି । ପୁଜାରୀ ଏବଂ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଟ୍ରକ୍ ଭିତରେ ଏକ ସୁନ୍ଦର ମଣ୍ଡପ ସଜାଯାଇ ବୈଦ୍ଧିକ ରୀତିନୀତିରେ ଏହି ବିବାହ ସମ୍ପନ୍ନ ହୋଇଥିଲା । ଗୋଟିଏ ପଟ ସମ୍ପୂର୍ଣ୍ଣ ଖୋଲା ଥିବା ଏହି ଟ୍ରକ୍ ଗୁରୁଗ୍ରାମର ରାସ୍ତାରେ ଚାଲୁଥିବାର ନଜର ଆସିଥିଲା । ଟ୍ରକ୍ ଭିତର ଅଂଶକୁ ଗେଣ୍ଡୁ ଓ ଗୋଲାପ ଫୁଲ, ଗୋଲାପୀ ପରଦା ଏବଂ ସୁନା ରଙ୍ଗର ପ୍ୟାନେଲ ଦ୍ୱାରା ବିବାହ ମଞ୍ଚ ଭଳି ଆକର୍ଷକ ଭାବେ ସଜ୍ଜିତ କରାଯାଇଥିଲା । ଯାହାର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ତେବେ ଟ୍ରକରେ 'ରେମଣ୍ଡ' ବ୍ରାଣ୍ଡର ନାମ ପ୍ରଦର୍ଶିତ ହୋଇଥିବାରୁ ଏହା କୌଣସି ପ୍ରଚାର ଅଭିଯାନର ଏକ ଅଂଶ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ ଏନେଇ କୌଣସି ସ୍ପଷ୍ଟୀକରଣ ମିଳିପାରି ନାହିଁ ।



## ସୋସିଆଲ କୋଟ୍ସ



ଶାହରୁଖ ଖାନ ମୋ ପାଇଁ ବଡ ଭାଇ ଭଳି । ସେ ଅନେକ ସମୟରେ ବିଭିନ୍ନ କଥାରେ ମୋତେ ପରାମର୍ଶ ଦେଇଥାଆନ୍ତି । କ୍ୟାରିୟରରେ ତାଙ୍କ ଠାରୁ ଅନେକ କିଛି ଶିଖିଛି ।
**ଅଭିଷେକ ବଚ୍ଚନ, ଅଭିନେତା**



ଫିଲ୍ମରେ ସବୁବେଳେ ଆପଣଙ୍କୁ କ୍ଲାଇମାକ୍ସକୁ ଠିକ କରିବାର ଅଛି । ଏହା ଠିକ ନହେଲେ ପୁରା କାହାଣୀରେ ସମସ୍ୟା ଆସିବ । ସୁନ୍ଦର କାହାଣୀ ବି ନଷ୍ଟ ହୋଇପାରେ ।
**ଅଭିଷେକ ପାଠକ, ଫିଲ୍ମମେକର**



ଉଡତା ତୀର ଫିଲ୍ମ ପାଇଁ ଅନେକ ପରିଶ୍ରମ କରିଛି । କାହାଣୀ ଓ ସମସ୍ତ ଚରିତ୍ର ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ଆଶା ଅଛି ।
**ଆୟୁଷ୍ମାନ ଖୁରାନା, ଅଭିନେତା**

ଶିକ୍ଷକ: ଅବୁଲ, କହିଲୁ ଦେଖି ଦୁନିଆର ସବୁଠୁ ବଡ଼ ମିଛ କ'ଣ ?
ଅବୁଲ: ସାର୍, "ପାଠ ପଢ଼ିଲେ ଜୀବନରେ ସୁଖ ମିଳିବ !"
ଶିକ୍ଷକ: (ବାଡ଼ି ଧରି) ତୁ ଟିକେ ପାଖକୁ ଆ, ତୋତେ ସେଇ ସୁଖ ଶୀଘ୍ର ଦେଉଛି !



ହାଃହାଃ

## ପୋସ୍ତ ହାଲୁଆ



**ସାମଗ୍ରୀ-** ପୋସ୍ତ ୨୫୦ଗ୍ରାମ, ଖୁଆ ୨୦୦ ଗ୍ରାମ, ଚିନି ୨୫୦ ଗ୍ରାମ, ଘିଅ ଅଧା କପ ।

**ପ୍ରଣାଳୀ-** ପୋସ୍ତକୁ ପରିଷ୍କାର କରି କିଛି ସମୟ ପାଣିରେ ଭିଜାଇ ଦିଅନ୍ତୁ । ତାପରେ ଚିକ୍କଣ କରି ବାଟି ନିଅନ୍ତୁ । କଡେଇରେ ଘିଅ ଗରମ କରି ପୋସ୍ତ ବଟାକୁ ପକାଇ ଭାଜନ୍ତୁ । ପୋସ୍ତ ଲାଲ ହୋଇ ଆସିଲେ ସେଥିରେ ଚିନି ଓ ଖୁଆ ପକାନ୍ତୁ । ଚିନି ମିଳେଇ ଗଲେ ଗୋଟିଏ ଥାଳିରେ ଘିଅ ମାରି ପୋସ୍ତ ମିଶ୍ରଣକୁ ଢାଳି ଦିଅନ୍ତୁ, ପ୍ରସ୍ତୁତ ହୋଇଯିବ ପୋସ୍ତ ହାଲୁଆ ।



## ଶ୍ରୀୟାଙ୍କୁ ମିଳୁଛି ପ୍ରଶଂସା

ସଙ୍ଗୀତ ଭିଡିଓରୁ ଅଭିନୟ ଦୁନିଆରେ ପାଦ ରଖିଥିବା ପ୍ରସିଦ୍ଧ ଅଭିନେତ୍ରୀ ଶ୍ରୀୟା ଶରନଙ୍କ ଜୀବନ ଥିଲା ଖୁବ ସଂଘର୍ଷ । ତାଙ୍କ ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ । ପରିବାରରେ କୌଣସି ସିନେମା ପୃଷ୍ଠଭୂମି ନଥିଲେ ମଧ୍ୟ ନୃତ୍ୟ ପ୍ରତି ଆଗ୍ରହ ଏବଂ ଶିକ୍ଷୟିତ୍ରୀଙ୍କ ପରାମର୍ଶ କ୍ରମେ ସେ ୧୭ ବର୍ଷ ବୟସରେ ଅଭିନୟ ଦୁନିଆରେ ପାଦ ଥାପିଥିଲେ । ସେ ତେଲୁଗୁ ଫିଲ୍ମ 'ଇଷ୍ଟମ' ଜରିଆରେ ଫିଲ୍ମରେ ଡେବ୍ୟୁ କରିଥିଲେ । ପିତାମାତାଙ୍କ ପରାମର୍ଶ ମୁତାବକ ସେ ପାଠପଢ଼ା ଜାରି ରଖିବା ସହ ଅଭିନୟରେ ମଧ୍ୟ ସଫଳତା ହାସଲ କରିଥିଲେ । ସେ ନିଜର ପ୍ରତିଭା ବଳରେ ସାଉଥ ଇଣ୍ଡଷ୍ଟ୍ରୀରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତେବେ ବଲିଉଡରେ ସେ ଆଶାନୁରୂପ ସଫଳତା ପାଇ ନଥିଲେ । ହେଲେ ଏହାପରେ ସେ ନିଜର ଭୁଲ୍ ସ୍ୱୀକାର କରି ଆଗକୁ ବଢ଼ିଥିଲେ । ପରବର୍ତ୍ତୀ ସମୟରେ ସେ ରଜନୀକାନ୍ତଙ୍କ 'ଶିବାଜୀ', 'ଦୃଶ୍ୟମ୍' ଏବଂ ଏସ୍.ଏସ୍. ରାଜାମୌଲିଙ୍କ 'ଆର୍.ଆର୍.ଆର୍.' ଭଳି ବ୍ଲକବଷ୍ଟର ଚଳଚ୍ଚିତ୍ର ମାଧ୍ୟମରେ ଭାରତୀୟ ସିନେମାରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିପାରିଛନ୍ତି । ବର୍ତ୍ତମାନ ଦୃଶ୍ୟମ ପାଇଁ ସେ ଖୁବ ପ୍ରଶମସା ସାଉଁଟୁଥିବା ଦେଖିବାକୁ ମିଳୁଛି ।

## ୫ଘଣ୍ଟା ବ୍ୟାୟାମ କରି ରେକର୍ଡ



ସାଧାରଣ ୬୦ ବର୍ଷ ପରେ ସମସ୍ତଙ୍କୁ ବ୍ୟାୟାମ କରିବାରେ ଅସୁବିଧା ହୋଇଥାଏ, ତେଣୁ ସେମାନେ ହାଲୁକା ବ୍ୟାୟାମ କରିଥାଆନ୍ତି । ହେଲେ ଜଣେ ମହିଳା ବର୍ତ୍ତମାନ ସବୁଠାରୁ କଷ୍ଟ ଏକ୍ସରସାଇଜ ପ୍ଲାଙ୍କ କରି ରେକର୍ଡ କରିଛନ୍ତି । ସୂଚନା ଅନୁସାରେ କାନାଡ଼ାର ୬୧ ବର୍ଷୀୟା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଡୋନା ଜିନ୍ ୱାଇଲ୍ଡ ଦୀର୍ଘ ୫ ଘଣ୍ଟା ଧରି ପ୍ଲାଙ୍କ କରି ନିଜର ପୂର୍ବ ବିଶ୍ୱ ରେକର୍ଡ ଭାଙ୍ଗି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଆମେରିକାର ୟୁଟାଠାରେ ଅକ୍ଟୋବର ୬ ତାରିଖରେ ସେ ଏହି ସଫଳତା ହାସଲ କରିଛନ୍ତି । ଏହାପୂର୍ବରୁ ୨୦୨୪ରେ ସେ ୪ ଘଣ୍ଟା ୩୦ ମିନିଟ୍ ୧୧ ସେକେଣ୍ଡ ଧରି ପ୍ଲାଙ୍କ କରି ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଥିଲେ । ଏକ ସାକ୍ଷାତକାରରେ ଡୋନା ଜଣାଇଛନ୍ତି ଯେ, ପ୍ରାୟ ୧୫ ବର୍ଷ ପୂର୍ବେ ହାତ ଭାଙ୍ଗିଯିବା ପରେ ପ୍ଲାଷ୍ଟର କାଷ୍ଟ ପିନ୍ଧି ମଧ ଫିଟ୍ ରହିବା ପାଇଁ ସେ ଏହି ବ୍ୟାୟାମ ଆରମ୍ଭ କରିଥିଲେ । ଆରମ୍ଭରୁ ମାତ୍ର ୧ ରୁ ୧.୫ ମିନିଟ୍ ପ୍ଲାଙ୍କ କରିପାରୁଥିବା ଡୋନା ବର୍ତ୍ତମାନ ପ୍ରତିଦିନ ପ୍ରାୟ ୨ ଘଣ୍ଟା ଧରି ଏହାର ଅଭ୍ୟାସ କରୁଥିବା ପ୍ରକାଶ କରିଛନ୍ତି ।



**ମେଷ:** ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସମସ୍ୟା, ଭ୍ରମଣଯୋଗ, ସନ୍ତାନଲାଭ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଲୋକସମ୍ପର୍କ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶୁଭଖବର, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ବନ୍ଧୁ ସହାୟତା, ପାରିବାରିକ ସହଯୋଗ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଜଗନ୍ନାଥ ।

**ମିଥୁନ:** ଶୁଭଖବର, କର୍ମକ୍ଷେତ୍ରେ ବ୍ୟସ୍ତ, ପାରିବାରିକ ସହଯୋଗ, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କର୍କଟ:** ବ୍ୟବସାୟରେ ଲାଭ, ଉତ୍ସବରେ ଖୁସି, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳ, ପାରିବାରିକ କଷ୍ଟଳ, ଦାମ୍ପତ୍ୟ କଳହ, ବନ୍ଧୁଲାଭ, ମାନସିକ ଅବସାଦ, ଲୋକସମ୍ପର୍କରେ ବାଧା । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା- ୯, ଆରାଧନା-ମା' ମାଣିକେଶ୍ୱରୀ ।

**ସିଂହ:** ଶରୀର କ୍ଲେଶ, ଶୁଭ ଆଲୋଚନା, ଗୃହେ ଉତ୍ସବ, ଦୂରଯାତ୍ରାରେ ବିଳମ୍ବ, ହେବାକାର୍ଯ୍ୟରେ ଅସନ୍ତୁଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଅର୍ଥଲାଭ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**କନ୍ୟା:** ଶରୀର ସୁସ୍ଥ, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ପାରିବାରିକ ସହଯୋଗ, ସ୍ୱାଦିଷ୍ଟ ଭୋଜନ, ମାନସମ୍ମାନ ପ୍ରାପ୍ତି । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା- ୯, ଆରାଧନା-ମା' କୋଟିଳାଇ ।

**ତୁଳା:** ଶତ୍ରୁ ବୃଦ୍ଧି, ଶରୀର ଅସୁସ୍ଥ, ବନ୍ଧୁଲାଭ, ସନ୍ତାନଲାଭ, ଶୁଭଖବର, ଦୂରଯାତ୍ରାରେ ଲାଭ, ନୂତନ କର୍ମ ଆରମ୍ଭ, ଦେବଦର୍ଶନ, ବ୍ୟବସାୟରେ ଆନନ୍ଦ, ମାନସିକ ଖୁସି, ଲୋକସମ୍ପର୍କ ବୃଦ୍ଧି । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୫, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବ୍ୟବସାୟରେ ଲାଭ, ସମ୍ପତ୍ତିଲାଭ, ଅର୍ଥ ସମସ୍ୟା ସମାଧାନ, ସମ୍ପର୍କରେ ଉନ୍ନତି, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଶୁଭଖବର, ନୂତନ ନିଯୁକ୍ତି । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ କଷ୍ଟ, ବନ୍ଧୁଲାଭ, ପାରିବାରିକପ ସହଯୋଗ, ଦେବକାର୍ଯ୍ୟରେ ଆନନ୍ଦ, ବିବାଦ ସମାଧାନ, ଉତ୍ସବକୁ ନେଇ ଆଲୋଚନା, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' କୁତାମଚଣ୍ଡୀ ।

**ମକର:** ଅର୍ଥଲାଭ, ଦୂରଯାତ୍ରା ସଫଳ, ସମ୍ମାନପ୍ରାପ୍ତି, କିଛି ଦ୍ରବ୍ୟ କ୍ରୟ, ଲୋକସମ୍ପର୍କରେ ଉନ୍ନତି, ସନ୍ତାନଲାଭ, ପାରିବାରିକ ସାହାଯ୍ୟ, ବ୍ୟବସାୟରେ ସନ୍ତୁଷ୍ଟ, ଦାମ୍ପତ୍ୟଖୁସି । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ସମ୍ପତ୍ତି ବିବାଦ, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ବିବାଦ ସମାଧାନ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗେଣି, ସଂଖ୍ୟା- ୯, ଆରାଧନା- ମା' ଗୌରୀ ।

**ମୀନ:** ଦେବକାର୍ଯ୍ୟ ପ୍ରତି ଆଗ୍ରହ, ବନ୍ଧୁ ସାହାଯ୍ୟ, ପାରିବାରିକ ଖୁସି, ଦୂରଯାତ୍ରା ସଫଳ, ସମ୍ମାନ ବୃଦ୍ଧି, ସ୍ୱାଦିଷ୍ଟ ଭୋଜନ, ଗୃହେ ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ, ଶୁଭଖବର । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା- ମା' ଦ୍ରୌପଦୀ ।

**ଆଶ୍ୱିନ ଶୁକ୍ଳ ପକ୍ଷ ଷଷ୍ଠି**
**୧୬.୧୦.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଭୁବନେଶ୍ୱର ବିଜେବି କଲେଜ୍‌ରେ ବିଜୟୀ ଏବିଭିପି ପ୍ରାର୍ଥୀଗଣ



ପଞ୍ଚାୟତ କଲେଜ ବରଗଡ଼ରେ ବିଜୟୀ ବିସିଜେଡି ପ୍ରାର୍ଥୀ

## ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ଛାତ୍ର ନେତାମାନଙ୍କୁ ଶୁଭେଚ୍ଛା ଜଣାଇଲେ ସାଂସଦ ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସମ୍ପନ୍ନ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ଯୁବ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ତାଙ୍କ ବାର୍ତ୍ତାରେ ପ୍ରକାଶ କରିଛନ୍ତି ଯେ, ଜୀବନରେ ସଫଳତା ଓ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜଣେ ଜିତେ ଆଉ ଜଣେ ଶିଖେ । ଯେ, ବିଜୟୀ ହୋଇଥିବା ବିଜୟୀ ହୋଇଥିବା ଛାତ୍ର ନେତାମାନେ ଶିକ୍ଷାନୁଷ୍ଠାନଗୁଡ଼ିକର ଶୈକ୍ଷିକ ପରିବେଶକୁ ଠିକ୍ ଭାବରେ ବଜାୟ ରଖିବା ସହ ନିଜର ବ୍ୟକ୍ତିତ୍ୱକୁ ମଧ୍ୟ ଜଣେ ସଫଳ ଓ ଆଦର୍ଶ ଛାତ୍ରଛାତ୍ରୀ ଭାବରେ ଗଢ଼ିତୋଳିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

### ହାଇକୋର୍ଟର ଦଶହରା ଅବକାଶ

## ୧୯ରୁ ଛୁଟି ଆରମ୍ଭ,୨୭ରେ ଖୋଲିବ ୨୩ରେ ବସିବ ଅବକାଶକାଳୀନ ଅଦାଲତ

କଟକ,(ସବ୍ୟୁ ): ଓଡ଼ିଶା ହାଇକୋର୍ଟର ଦଶହରା ଅବକାଶ ଆସନ୍ତା ୧୯ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୧୬ତାରିଖ ଶେଷ କାର୍ଯ୍ୟ ଦିବସ । ଆସନ୍ତା ୨୭ ତାରିଖରେ କୋର୍ଟ ଖୋଲିବ। ଏହି ସମୟ ମଧ୍ୟରେ ୨୩ ତାରିଖରେ ଅବକାଶକାଳୀନ ଅଦାଲତ ବସିବ ବୋଲି ହାଇକୋର୍ଟ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଦଶହରା ପାଇଁ ହାଇକୋର୍ଟର ଛୁଟି ଆସନ୍ତା ୧୯ ତାରିଖ ଅର୍ଥାତ ସୋମବାରରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଅର୍ଥାତ ଆସନ୍ତାକାଲି ଶୁକ୍ରବାର କୋର୍ଟର ଶେଷ କାର୍ଯ୍ୟ ଦିବସ ରହିଛି। ୨୬ତାରିଖ ପର୍ଯ୍ୟନ୍ତ ଏହି ଛୁଟି ରହିବ। ଏହା ମଧ୍ୟରେ ୨୩ ତାରିଖ ଦିନ ଅବକାଶକାଳୀନ ଅଦାଲତରେ ତିନୋଟି ବେଞ୍ଚ୍ ବସିବ । ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏବଂ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗୋଟେ ବେଞ୍ଚ୍ କାର୍ଯ୍ୟ କରିବ। ପୁନର୍ବାର ଉଭୟ ବିଚାରପତି ପୃଥକ ପୃଥକ ବେଞ୍ଚ୍‌ରେ ବିଭିନ୍ନ ମାମଲାର ଶୁଣାଣି କରିବେ। ଯଦିଓ ଏହି ଛୁଟିରେ କୋର୍ଟ କାର୍ଯ୍ୟ କରିବ ନାହିଁ କିନ୍ତୁ ୨୧ତାରିଖ, ୨୨, ୨୩ ତାରିଖରେ କୋର୍ଟ ଅଫିସ୍ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ରହିବ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ

ସାକ୍ଷୀଗୋପାଳ ,(ସବ୍ୟୁ): ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀର ଛାତ୍ର ସଂସଦ ନିର୍ବାଚନ-୨୦୨୬ର ଚୟନିତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ଭାବେ ଶୁଭଲକ୍ଷ୍ମୀ ମଲ୍ଲିକ, ଉପସଭାପତି ଭାବେ ରାଜଶ୍ରୀ ସାହୁ, ସାଧାରଣ ସମ୍ପାଦକ ଭାବେ ସ୍ୱପ୍ନାରାଣୀ ଭୂୟାଁ ଏବଂ ଯୁଗ୍ମସମ୍ପାଦକ ଭାବେ ପୁଷ୍ପଲତା ମହାନ୍ତି ଚୟନିତ ହୋଇଛନ୍ତି ।ନାଟ୍ୟ ସଂସଦର ସମ୍ପାଦକ ଭାବେ ସମୀର କୁମାର ମାଝୀ, କ୍ରୀଡ଼ା ସମ୍ପାଦକ ଭାବେ ବାଦଲ ମେଦିନୀରା ଏବଂ ସାହିତ୍ୟ ସଂସଦର ସମ୍ପାଦକ ଭାବେ ଇତିଶ୍ରୀ ସାହୁ ଚୟନିତ ହୋଇଛନ୍ତି । ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗର ପ୍ରତିନିଧି ଭାବେ ରୂପାଲି ବେହେରା, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗର ପ୍ରତିନିଧି ଭାବେ ସ୍ମୃତିରେଖା ପ୍ରଧାନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରତିନିଧି ଭାବେ ଅଲିଭା ପୃଷ୍ଟି ଚୟନିତ ହୋଇଛନ୍ତି ।ଦିବାଧ୍ୟାୟୀ ସଂଘର ସମ୍ପାଦକ ଭାବେ ପୁଷ୍ପାଞ୍ଜଳି ରାୟ ଚୟନିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଡକଫର ସଂଗୀତା ଜେନାଙ୍କ ପକ୍ଷରୁ ଏହି ତାଲିକା ପ୍ରକାଶ କରାଯାଇଛି ।

### ଆଇସିଏଆର-ସିୱା, ଭୁବନେଶ୍ୱର ପକ୍ଷରୁ

## ‘ରାଷ୍ଟ୍ରୀୟ ମହିଳା କିଷାନ ଦିବସ’ ପାଳିତ

ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ଆଇସିଏଆର-ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର୍ ୱିମେନ ଇନ ଏଗ୍ରିକଲଚର୍ (ଆଇସିଏଆର-ସିୱା) ଗୁରୁବାର ‘ରାଷ୍ଟ୍ରୀୟ ମହିଳା କିଷାନ ଦିବସ’ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିଶନର ତଥା ସଚିବ, ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ‘ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ-୨୦୨୬’ ସହିତ ସମତାଳ ରଖି, ଏହି କାର୍ଯ୍ୟକ୍ରମରେ ଭାରତୀୟ କୃଷି ଏବଂ ଏହା ସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ମହିଳା କୃଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରାଯାଇଥିଲା । ଆଇସିଏଆର-ସିୱାର ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ, ମହିଳା କୃଷକମାନଙ୍କ ପାଇଁ ଲିଙ୍ଗ-ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା ବିକାଶ କରିବା, ସେମାନଙ୍କ ଦକ୍ଷତା ବୃଦ୍ଧି ଏବଂ ସ୍ଥାୟୀ ଜୀବିକା ମଡେଲକୁ ପ୍ରୋତ୍ସାହିତ କରିବାରେ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଉତ୍ପାଦନ କ୍ଷମତା, ଉଦ୍ୟୋଗିତା ଏବଂ ଗ୍ରାମୀଣ ଜୀବିକାକୁ ଉନ୍ନତ କରିବା ଦିଗରେ ଦକ୍ଷତା ବିକାଶ, ବୈଷୟିକ ହସ୍ତକ୍ଷେପ ଏବଂ ସାଂସ୍ଥାଗତ ସହାୟତାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ସୁରେନ୍ଦ୍ର ନାଥ ପଶୁପାଳକ , ଉଦ୍ୟୋଗୀ ଗୀତାଞ୍ଜଳୀ ସାହୁ, ଡ଼. ତନୁଜା .ଏସ ମଞ୍ଚାସୀନ ଥିଲେ । ସଫଳ ଚାଷୀ ତିଲୋତ୍ତମା ମାଝୀ ଓ ରୋଜାଲିନ ଦାସ ନିଜ ସଫଳତା ଉପରେ ମତ ରଖିଥିଲେ । ମୁଖ୍ୟ ଅତିଥି ଶ୍ରୀ ଯାଦବ କୃଷି



କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ସମାନ ସୁଯୋଗ ମାଧ୍ୟମରେ ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ଉପରେ ଜୋର୍ ଦେଇଥିଲେ । ଓଡ଼ିଶାରେ କୃଷି ଯନ୍ତ୍ରପାତି ପାଇଁ ‘ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର୍’ ପ୍ରସ୍ତୁତ କରିବାରେ ଆଇସିଏଆର-ସିଓ୍ୱାର ପ୍ରୟାସକୁ ପ୍ରଶଂସା କରିଥିଲେ । ଫଳରେ ମହିଳା କୃଷକମାନେ ସୁରକ୍ଷିତ ଭାବରେ ଏବଂ ସ୍ୱାଧୀନ ଭାବରେ ଯନ୍ତ୍ରପାତି ଚଳାଇ ପାରିବେ । ଏହା ବ୍ୟତୀତ, ମହିଳାମାନଙ୍କ ଜମି ଅଧିକାରକୁ ସୁଦୃଢ଼ କରିବା ପାଇଁ ଉପଯୁକ୍ତ ନୀତିଗତ ପଦକ୍ଷେପ ନେବା ଦିଗରେ ଏବଂ ଆଇସିଏଆର-ସିୱାର ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ଉତ୍ସବର ଏକ ମୁଖ୍ୟ ଆକର୍ଷଣ ଥିଲା ଆଇସିଏଆର-ସିୱାର ପକ୍ଷରୁ ବିକଶିତ, ପାଦରେ ଚାଳିତ ଏବଂ ମହିଳାମାନଙ୍କ ପାଇଁ ଉପଯୁକ୍ତ ‘ନଡ଼ିଆ ଚୋପା ଛଡ଼ାଇବା ଯନ୍ତ୍ର’ ର ପ୍ରଦାନ । ନଡ଼ିଆ ଚୋପା ଛଡ଼ାଇବା ସମୟରେ ହେଉଥିବା ଶାରୀରିକ ପରିଶ୍ରମକୁ ହ୍ରାସ କରିବା, କାର୍ଯ୍ୟ ଦକ୍ଷତା ଓ ନିରାପତ୍ତା ବୃଦ୍ଧି କରିବା ଏବଂ ନଡ଼ିଆ ଚାଷ ଅଞ୍ଚଳରେ ମହିଳା ଚାଷୀଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଯନ୍ତ୍ର ଯୋଗାଇ ଦିଆଯାଇଥିଲା । ଅଗ୍ରଣୀ ମହିଳା କୃଷକ ମଧ୍ୟ ଆଇସିଏଆର-ସିୱାରରୁ ପ୍ରାପ୍ତ ପରାମର୍ଶ ଉପରେ ଆଲୋକପାତ କରି ସେମାନଙ୍କର ଉଦ୍ୟୋଗୀ ଯାତ୍ରା ଏବଂ ସଫଳତାର କାହାଣୀ ବାଣ୍ଟିଥିଲେ । କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପରେ ସେମାନଙ୍କର ଅବଦାନ ପାଇଁ ୬ ଜଣ ପ୍ରଗତିଶୀଳ ମହିଳା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ଏକ ବୈଜ୍ଞାନିକ-କୃଷକ ପାରସ୍ପରିକ କ୍ରିୟା ସ୍ଥାୟୀ କୃଷି ପଦ୍ଧତି, ଉନ୍ନତ ଫସଲ କିସମ ଏବଂ ପ୍ରଭାବଶାଳୀ କୃଷି ପରିଚାଳନା ଉପରେ ଜ୍ଞାନ ଆଦାନପ୍ରଦାନକୁ ସୁଗମ କରିଥିଲା । ଏହି ଉତ୍ସବରେ ୨୫୦ ରୁ ଅଧିକ ମହିଳା ଚାଷୀ, କୃଷି ଛାତ୍ର, ଉଦ୍ୟୋଗୀ, ଏସଏଚଜି, ଏଫପିଓ ସଦସ୍ୟ, ଜନପ୍ରତିନିଧି ଏବଂ ପ୍ରତିଷ୍ଠାନ କର୍ମଚାରୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ବୈଜ୍ଞାନିକ ଡ଼. ଏ.କେ. ପଣ୍ଡାଙ୍କ ସମେତ ବହୁ ଅଧିକାରୀ ପ୍ରମୁଖ ଭୂମିକା ନେଇଥିଲେ ।

### ମହିଳା ଚାଷୀଙ୍କୁ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱାରୋପ

## ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ପୁରୀ, (ସବ୍ୟୁ) : ପୋକ୍ସୋ ମାମଲାରେ ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି ପୁରୀର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ । ୨୦୨୧ ମସିହାରେ ବଳିଆପଣ୍ଡା ଥାନା ରେ ରୁଜୁ ହୋଇଥିବା କେସ୍ ନଂ ୧୪୬/୨୦୨୧ର ଟି.ଆର୍. ନଂ ୧୧୧/୨୦୨୧ ମାମଲାରେ ଅଭିଯୁକ୍ତ ଶିବରାମ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଅଦାଲତ । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ହୃଷୀକେଶ ସାହୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୬(୩) ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଏହି ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି ।












### ଚୌଦ୍ୱାର କଲେଜ ନିର୍ବାଚନ

# ବିଜେଡ଼ି ପ୍ୟାନେଲର ବାଜିମାତ୍, କେ.ବି. ସ୍ୱାତୀ ସଭାପତି, ଶ୍ରୀୟା ସମ୍ପାଦିକା

ଟାଙ୍ଗୀ-ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର କଲେଜ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ପ୍ୟାନେଲର ସମସ୍ତ ପ୍ରାର୍ଥୀ ପ୍ରାର୍ଥୀନୀମାନେ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ସଭାପତି ପ୍ରାର୍ଥିନୀ କେ.ବି.ସ୍ୱାତୀ ସୋମାଲିନ୍ ସ୍ୱାଇଁ, ଉପସଭାପତି ଭାଗ୍ୟଶ୍ରୀ ବେହେରା, ସାଧାରଣ ସମ୍ପାଦକ ଶ୍ରୀୟା ଠାକୁର, ଆଥଲେଟିକ୍ ସେକ୍ରେଟାରୀ ବିଶ୍ୱଜିତ୍ ବେହେରା, ଆସିଷ୍ଟାଣ୍ଟ ଆଥଲେଟିକ୍ ସେକ୍ରେଟାରୀ ଭାଗବତ ବେହେରା, ଆସିଷ୍ଟାଣ୍ଟ ଡ୍ରାମାଟିକ୍ ସେକ୍ରେଟାରୀ ଶୁଭମ୍ ଶେଖର ସ୍ୱାଇଁ, ଶ୍ରେଣୀ ପ୍ରତିନିଧି ବର୍ଷାରାଣୀ ସେଠୀ ଓ ରୀନା ପ୍ରଧାନ ଜୟ ଲାଭ କରିଛନ୍ତି । ଚୌଦ୍ୱାର କଲେଜରେ ମୋଟ ଭୋଟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୧୧୧ ଥିବା ବେଳେ ୮୮୨ଜଣ ଛାତ୍ରଛାତ୍ରୀ ନିଜର ମତ ସାବ୍ୟସ୍ତ କରିଥିଲେ । ବିସିଜେଡ଼ିର ସଭାପତି ପ୍ରାର୍ଥୀନୀ କେ.ବି. ସ୍ୱାତୀ ମୋଟ ୪୨୮ଖଣ୍ଡ ଭୋଟ ପାଇ



ଜିତିଥିବା ବେଳେ ଏବିଭିପିର ଲିରିକା ଲେଙ୍କା ୨୫୮ ଓ ଦୀପକ ବାରିକ୍ ସମର୍ଥିତ ସ୍ୱାଧୀନ ଗୋଷ୍ଠୀର ଶୁଭଶ୍ରୀ ମହାନ୍ତି ୧୮୩ ଖଣ୍ଡ ଭୋଟ ପାଇଥିଲେ । ଫଳାଫଳ ଘୋଷଣା ପରେ ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ ସରପଂଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ବରିଷ୍ଠ କାଉନ୍ସିଲର ସୁବ୍ରତ ସାମଲ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ତାପସ ମହାନ୍ତି, କାଉନ୍ସିଲର ଅଜୟ ବେହେରା, ଅର୍ଜିନୀ ବେହେରା, ଆଶୁତୋଷ ଦାସ, ବିଜୟ ସାହୁ, ମଂଜୁଲତା ଦାସଙ୍କ ନେତୃତ୍ୱରେ ବହୁ ବିଜେଡ଼ି ନେତା, କର୍ମୀ ଓ କଲେଜ ଛାତ୍ରଛାତ୍ରୀମାନେ ଏକ ବିଶାଳ ରାଲି କରି ବିଜୟ ଉତ୍ସବ ପାଳନ କରିଥିଲେ ।

## ଉଦୟନାଥ କଲେଜ ଛାତ୍ରସଂସଦ ନିର୍ବାଚନ

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁରଠାରେ ଥିବା ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରୀତିକାନ୍ତ ପଣ୍ଡା ସଭାପତିଭାବେ ନିର୍ବାଚିତ ହୋଇଥିଲାବେଳେ ସଚ୍ଚିନ ମଳ୍ଲିକ ଉପ ସଭାପତି, ଇଷାଣୀ ଐଶ୍ୱର୍ଯ୍ୟା ନାୟକ ସାଧାରଣ ସମ୍ପାଦିକା, ଅଭିଜିତ ପରିଡ଼ା ସହ ସାଧାରଣ ସମ୍ପାଦକ, ହରିଶଙ୍କର କର ସାଂସ୍କୃତିକ ସମ୍ପାଦକ, ଅଭୀଲିପ୍‌ସା ରାମ କ୍ରୀଡ଼ା ସମ୍ପାଦିକା, ପ୍ରତୁଷ ମହାନ୍ତି ସହ ସାଂସ୍କୃତିକ ସମ୍ପାଦକ ଓ ବିଜୟକୁମାର ସାହୁ ସହ କ୍ରୀଡ଼ା ସମ୍ପାଦକଭାବେ ନିର୍ବାଚିତ ହୋଇଥିବା ଅଧକ୍ଷା ଲୁଲୁମିନା ଦାଶ ଜଣାଇଛନ୍ତି ।

### ଆମେରିକା ସିନେଟର ଓ ମେୟରଙ୍କ କିଟ୍-କିସ୍ ପରିଦର୍ଶନ

# ୧୦ ଜଣଙ୍କୁ 'କିଓ' ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଆମେରିକାର ୱାଶିଂଟନ ରାଜ୍ୟର ସିନେଟର ତଥା ବିଭିନ୍ନ ସହରର ମେୟରଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୱାଶିଂଟନ ରାଜ୍ୟର ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍-କିସ୍ ଇକ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୱାଶିଂଟନ୍ ରାଜ୍ୟର ସିନେଟର ଟିନା ଲୁଇସ୍ ଓରୱାଲ୍, କେଣ୍ଟ ସହରର ମେୟର ଦାନା ଲିନ୍ ରାଲ୍‌ଫ, ଟୁକ୍ୱିଲା ମେୟର ଥୋମାସ୍ ୱେନ୍ ମ୍ୟାକ୍ଲିଓଡ୍, ଇସାକ୍ୱାର ମେୟର ମାର୍କ ଡଗ୍ଲାସ୍ ମୁଲେଟ୍, ମୁକିଲ୍‌ଟିଓର ମେୟର ଜୋସେଫ୍ ଡାନିଏଲ୍ ମେରିନ୍, ଡୁପଣ୍ଟର ମେୟର ରୋନାଲ୍ଡ ଜନ୍ ଫ୍ରେଡେରିକ୍, ୟୁନିଭର୍ସିଟି ପ୍ଲେସ୍‌ର ମେୟର ଷ୍ଟାନ୍‌ଲି ଲଳିତ କୁମାର ଫ୍ଲେମିଂ, ସିଟାକ୍‌ର ମେୟର ମହମ୍ମଦ ଅଲି ଇଗାଲ୍, ୟୁନିଭର୍ସିଟି ପ୍ଲେସ୍‌ର କାର୍ଯ୍ୟକାରୀ ମେୟର ଡେନିସ୍ ଟେରେସା ମ୍ୟାକ୍‌କ୍ଲସ୍କି, କେଣ୍ଟ ସହର ପରିଷଦର ସଦସ୍ୟା ଟୋନି ମାରି ଟ୍ରାଉଟନର ପ୍ରମୁଖଙ୍କୁ କିଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା।




ଏହି ଅବସରରେ ଅତିଥିମାନେ ସେମାନଙ୍କ ପ୍ରତକ୍ରିୟାରେ ଖୁସି ବ୍ୟକ୍ତ କରି କହିଲେ, କିଟ୍ ଓ କିସ୍ ବୁଲିବା ପରେ ଆମେ ବେଶ ପ୍ରଭାବିତ ହୋଇଛୁ। ଏତେ ସଂଖ୍ୟକ ପିଲାଙ୍କୁ ଆମେ କେବେ ବି ଗୋଟିଏ ସ୍ଥାନରେ ଦେଖି ନଥିଲୁ। କିସ୍ ପିଲାଙ୍କ ଶୃଙ୍ଖଳା ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅତି ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ୱାଶିଂଟନ ରାଜ୍ୟରୁ ଏହି ୧୭ଜଣିଆ ପ୍ରତିନିଧିମଣ୍ଡଳୀ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଭାରତ ଭ୍ରମଣରେ ଅଛନ୍ତି। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାମ୍ପସ ନିର୍ବାଚନ, ରେଭେନ୍ସାରେ ବିଶ୍ୱଜିତ୍: ଶୈଳବାଳାରେ ପ୍ରଜ୍ଞାପାରମିତାଙ୍କ ବାଜିମାତ୍

କଟକ,(ସବ୍ୟୁ): ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ରହିଥିବା ସବୁ କଲେଜରେ ବିସିଜେଡ଼ି ବାଜିମାତ୍ କରିଛି । ତେବେ ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି, ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ବାପ ଓ ପୁଅ ରାଜନୀତି ଫେଲ୍ ମାରିଛି । ଏହି ନିର୍ବାଚନ ମଣ୍ଡଳୀରେ ଥିବା ଜେକେବିକେ କଲେଜ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଚୌଦ୍ୱାର କଲେଜକୁ ବିସିଜେଡ଼ି ଦଖଲକୁ ନେଇଛି । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏବଂ ବିଧାୟକ ବ୍ୟୋମକେଶ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରେଭେନ୍ସା ବିଜୟ ହୋଇଛି ।



ରେଭେନ୍ସାରେ ବିସିଜେଡ଼ି ସମର୍ଥିତ ସଭାପତି ପ୍ରାର୍ଥି ବିଶ୍ୱଜିତ୍ ସାହୁ ବିଜୟ ହାସଲ କରିଛନ୍ତି । ବିପୁଳ ସଂଖ୍ୟାର ଭୋଟରେ ସେ ରେଭେନ୍ସା ଗଡ଼କୁ ଅକ୍ତିଆରକୁ ଆଣିଛନ୍ତି । ସେହିପରି ଉପ-ସଭାପତି ପ୍ରାର୍ଥୀ ରାଜା ବିଶ୍ୱାଳ ବିଜୟ ଶିରିପା ପିନ୍ଧିଛନ୍ତି । ଏଠାରେ ସମ୍ପାଦକ ଭାବେ ଏବିଭିପି ସମର୍ଥିତ ପ୍ରାର୍ଥୀ ତାପସ ନାୟକ ବିଜୟ ହୋଇଛନ୍ତି । ଶୈଳବାଳା ମହିଳା ମହାବିଦ୍ୟାଳୟରେ ପ୍ରଜ୍ଞାପାରମିତା ନାୟକ ସଭାପତି ଭାବେ ବିଜୟଲାଭ କରିଛନ୍ତି । ଉପସଭାପତି ଭାବେ ସମେୟା ଖାତୁନ୍, ସମ୍ପାଦକ ଭାବେ ଦିଶା ଦାସ, ସହ ସମ୍ପାଦକ ଭାବେ ଦେବସ୍ମିତା ଦାସ ବିଜୟ ଲାଭ କରିଛନ୍ତି । ସେହିପରି ବିରେନ୍‌ମିତ୍ର ମହିଳା ମହାବିଦ୍ୟାଳୟରେ ସଭାପତି ଭାବେ ଲକ୍ଷ୍ମୀପ୍ରିୟା ନାୟକ, ସାଧାରଣ ସମ୍ପାଦକ ଭାବେ ବି.ପଦ୍ମା ବିପୁଳ ସଂଖ୍ୟାର ଭୋଟ ପାଇ ବିଜୟଲାଭ କରିଛନ୍ତି । ଖ୍ରୀଷ୍ଟ କଲେଜରେ ସଭାପତି ଭାବେ ଦୀପକ କୁମାର ମୁଣ୍ଡା ବିଜୟ ହୋଇଛନ୍ତି । ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ କେବଳ ଉପସଭାପତି ଭାବେ କାହ୍ନା ନାୟକ ବିଜୟ ଶିରିପା ପିନ୍ଧିଛନ୍ତି । ଶୈଳବାଳା, ବିରେନ୍‌ମିତ୍ର, ଖ୍ରୀଷ୍ଟ ଏବଂ ଷ୍ଟିୱାର୍ଟ କଲେଜରେ ଦେବୀରଞ୍ଜନ ତ୍ରିପାଠୀଙ୍କ ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି ।

### ଦୁଇ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା

# ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

କଟକ, (ସବ୍ୟୁ) : ଦୁଇ ନାବାଳିକା ସ୍କୁଲ ଛାତ୍ରୀଙ୍କ ସହ ଯୌନ ନିର୍ଯାତନା ଓ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ସ୍କୁଲ ଭ୍ୟାନ୍ ଚାଳକକୁ କଟକର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ କୋର୍ଟ ଅଭିଯୁକ୍ତ ଉପରେ ୧୦ ହଜାର ଟଙ୍କାର ଜୋରିମାନା ଧାର୍ଯ୍ୟ କରିଛନ୍ତି, ଯାହା ଅନାଦେୟ ହେଲେ ଅଧିକ ୧ ବର୍ଷ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଆଡ-ହକ୍ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଫାଷ୍ଟ୍ ଟ୍ରାକ୍ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ-୧) ପ୍ରଶାନ୍ତ କୁମାର ଦାସ ମାମଲାର ଶୁଣାଣି କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଦଣ୍ଡିତ ଅଭିଯୁକ୍ତ ଜଣକ ହେଲେ ଜଗତସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ କାଇଜଙ୍ଗା ଗ୍ରାମର ବିଶୁ ଓରଫ୍ ବିଶ୍ୱନାଥ ସାହୁ (୫୫)। ଅନ୍ୟପକ୍ଷରେ ଦୁଇ ପୀଡ଼ିତାଙ୍କୁ ମୋଟ ୯ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ଡିଏଲଏସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଏକ ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଥମ ଓ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ଦୁଇ ଭଉଣୀ ଏକ ଟ୍ରାଭେଲର ଯାନ ଯୋଗେ ବିଦ୍ୟାଳୟକୁ ଯିବା-ଆସିବା କରୁଥିଲେ। ଅଭିଯୁକ୍ତ ବିଶ୍ୱନାଥ ସାହୁ ଉକ୍ତ ଗାଡ଼ିର ଡ୍ରାଇଭର ଥିଲା। ସ୍କୁଲ ଛୁଟି ପରେ ସେ ଗାଡ଼ିର ସମ୍ମୁଖ କାଚକୁ ଖବରକାଗଜରେ ଢାଙ୍କି ଦେଇ ବାହାର ଲୋକଙ୍କ ନଜରରୁ ଆଢୁଆଳ କରୁଥିଲା ଏବଂ ଗାଡ଼ି ଭିତରେ ଉଭୟ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଉଥିଲା। ନାବାଳିକା ଦ୍ୱୟ ଏହାର ପ୍ରତିବାଦ କଲେ ସେ ସେମାନଙ୍କୁ କୁରକୁରେ ଓ ବିସ୍କୁଟ୍ ଦେଇ ପ୍ରଲୋଭିତ କରୁଥିଲା ଏବଂ ଭୟଭୀତ କରାଉଥିଲା। ନିର୍ଯାତନା ଅସହ୍ୟ ହେବାରୁ ନାବାଳିକା ତାର ମା'ଙ୍କୁ ସମସ୍ତ ଘଟଣା ଜଣାଇବା ପରେ ମାମଲା ସାମ୍ନାକୁ ଆସିଥିଲା। ୨୪ ଫେବୃଆରୀ ୨୦୨୬ରେ ପୀଡ଼ିତାଙ୍କ ମା' ଏ ସଂକ୍ରାନ୍ତରେ କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦାଏର କରିଥିଲେ। ପୁଲିସ ମାମଲାକୁ ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିବା ସହ ଫେବୃଆରୀ ୨୫ରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୁଲିସ ପକ୍ଷରୁ ଚାର୍ଜସିଟ୍ ଦାଖଲ ପରେ କୋର୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅଭିଯୋଗ ପକ୍ଷ ଏହି ମାମଲାରେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ଏବଂ ବୈଜ୍ଞାନିକ ପ୍ରମାଣ ଉପସ୍ଥାପନ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଓ ପ୍ରମାଣକୁ ତର୍ଜମା କରିବା ପରେ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

### କାଳିବାରି'ରେ ଦୁର୍ଗାପୂଜା ପୂର୍ବ ପ୍ରସ୍ତୁତି

# ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ବିଏମ୍‌ସିର ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଅଶୋକନଗର ନିକଟସ୍ଥ ବହୁ ପୁରାତନ ମନ୍ଦିର କାଳିବାରିରେ ଜୋରଦାର ଆରମ୍ଭ ହୋଇଯାଇଛି ଦୁର୍ଗାପୂଜା ପୂର୍ବ



ପ୍ରସ୍ତୁତି କାର୍ଯ୍ୟକ୍ରମ। ଏହି ମନ୍ଦିରରେ ବିଶେଷ କରି ବଙ୍ଗୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ବାରମାସରେ ତେର ଯାତ ପାଳନ କରାଯାଇଥାଏ ବୋଲି ମନ୍ଦିରର ବରିଷ୍ଠ ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ମନ୍ଦିର ପରିଚାଳନା କମିଟି ମନ୍ଦିର ଭିତରର ପରିଷ୍କାର ପରିଚ୍ଛନ୍ନତା, ରଙ୍ଗ ଓ ସାଜସଜ୍ଜା ନିମନ୍ତେ ପୂର୍ବ ପ୍ରସ୍ତୁତି କରୁଥିବା ବେଳେ ଭୁବନେଶ୍ୱର ମହାନଗର ନିଗମର ନିଷ୍ପତି କ୍ରମେ ୪୧ନମ୍ବର୍ ୱାର୍ଡ ର କର୍ପୋରେଟର କବିତା ସ୍ୱାଇଁ ଓ ତାଙ୍କ ପ୍ରତିନିଧି ମନ୍ଦିର ବାହାରର ପରିଷ୍କାର ପରିଚ୍ଛନ୍ନତା ଉପରେ ପ୍ରତ୍ୟେକ୍ଷ ଭାବେ ଉପସ୍ଥିତ ରହି କାମ ଆରମ୍ଭ କରି ଦେଇଛନ୍ତି। ସ୍ଥାନୀୟ କର୍ପୋରେଟରଙ୍କର କହିବା ଅନୁଯାୟୀ ଦୁର୍ଗାପୂଜା ପୂର୍ବରୁ ମଣ୍ଡପ ପରିସର ସଫେଇ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପବିତ୍ର କାର୍ଯ୍ୟ। ମା'ଙ୍କ ଆଗମନ ପାଇଁ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଯେପରି ପୂଜା କମିଟି ଓ ସ୍ଥାନୀୟ ବାସିନ୍ଦାଙ୍କ ଦାୟିତ୍ୱ ସମାନ ଭାବରେ ପ୍ରଶାସନର ଦାୟିତ୍ୱ ମଧ୍ୟ। ମହାନଗର ନିଗମର ନିଷ୍ପତି ଅନୁଯାୟୀ ଏହି ସଫେଇ କାର୍ଯ୍ୟକୁ ସଠିକ୍ ଭାବେ କରିବା ପାଇଁ ମୁଁ ନିଜେ, ମୋର ପ୍ରତିନିଧି ଓ ମହାନଗର ନିଗମର କର୍ମଚାରୀ ମାନେ ଏଠାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିବା ସହିତ ବାସିନ୍ଦା ମାନଙ୍କୁ ମଧ୍ୟ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସଚେତନ କରାଇ ଦେଉଛୁ। ବର୍ତ୍ତମାନ ଏଠାରୁ ଆବର୍ଜନା ନିଷ୍କାସନ, ପୂଜା ମଣ୍ଡପ ଏବଂ ଏହାର ଆଖପାଖରେ ଥିବା ସମସ୍ତ ଶୁଖିଲା ପତ୍ର, ପ୍ଲାଷ୍ଟିକ, ଏବଂ ଅଦରକାରୀ ଜିନିଷକୁ ପ୍ରଥମେ ସଫା କରିବା କାର୍ଯ୍ୟକ୍ରମ ଜାରି ରହିଛି। ଆଗକୁ ବିଶୋଧନ ଓ ବ୍ଲିଚିଂ ପାଉଡର ସିଞ୍ଚନ, ମଣ୍ଡପ ଚାରିପାଖରେ ଏବଂ ନାଳନର୍ଦ୍ଦମା ଗୁଡ଼ିକରେ ବ୍ଲିଚିଂ ପାଉଡର କିମ୍ବା ମଶା ତେଲ ସିଞ୍ଚନ କରାଯିବାର ଯୋଜନା ମଧ୍ୟ ରହିଛି। ଚଳିତ ବର୍ଷ ପୂଜା କାର୍ଯ୍ୟକ୍ରମ ସଫଳତାର ସହ ସମାପନ ହେବାକୁ ନେଇ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ କର୍ପୋରେଟର ଆଶାବାଦୀ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ଚଣ୍ଡିଖୋଲ ସ୍ୱୟଂ ଶାସିତ କଲେଜରେ ବିସିଜେଡି ଓ ବିଏସ କଲେଜରେ ଏବିଭିପିର ବାଜିମାତ

ଚଣ୍ଡିଖୋଲ(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀରେ ଥିବା ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଛତିଆ ସ୍ଥିତ ହାଡିଦାସ ମହାବିଦ୍ୟାଳୟ ଓ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଘୋଷିତ ଫଳାଫଳ ଅନୁଯାୟୀ ଚଣ୍ଡିଖୋଲର ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସଭାପତି ଓ ସାଧାରଣ ସମ୍ପାଦକଙ୍କ ସହିତ ବିଜେଡି ସମର୍ଥୀତ ବିସିଜେଡିର ଅଧିକାଂଶ ପ୍ରାର୍ଥୀ ବାଜିମାତ କରିଥିବା ବେଳେ ବିଏସ କଲେଜରେ ସଭାପତି ଓ ସମ୍ପାଦକଙ୍କ ସହ ଏବିଭିପିର ଅଧିକାଂଶ ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଛି। ରାତି ୯ଟା ସୁଦ୍ଧା ଛତିଆ ସ୍ଥିତ ହାଡିଦାସ ମହାବିଦ୍ୟାଳୟର ଭୋଟ ଗଣନା ଶେଷ ହୋଇ ନଥିବାରୁ ସେଠାର ସର୍ବଶେଷ ଫଳାଫଳ ମିଳିପାରି ନାହିଁ। ତେବେ ଏଠାରେ ବିସିଜେଡିର ୫ ଜଣ ପ୍ରାର୍ଥୀ ପୂର୍ବରୁ ନିରଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଚଣ୍ଡିଖୋଲ କଲେଜର ଛାତ୍ର ସଂସଦ ସଭାପତି ଭାବେ ନବୀନକୁମାର ପଣ୍ଡା,ସମ୍ପାଦକ ଭାବେ ଦେବସ୍ମିତା ଜେନା ବିଜୟୀ ହୋଇଥିଲା ବେଳେ ଉପସଭାପତି ଭାବେ ଲିଟୁ ରାଉଳ,ସହ ସମ୍ପାଦକ ଭାବେ ସୁମାତ୍ରା ସାହୁ,ଆଥେଲେଟିକ ସମ୍ପାଦକ ଭାବେ ଅଭିନବ ପରିଡା,ଡ୍ରାମାଟିକ ସମ୍ପାଦକ ଭାବେ ବିନାୟକ ମହାପାତ୍ର, ଆଥେଲେଟିକ ସହ ସମ୍ପାଦକ ଭାବେ ବ୍ରହ୍ମାନନ୍ଦ ନାୟକ ବିଜୟୀ ହୋଇଛନ୍ତି। ସେହିପରି ବଡଚଣା ବ୍ଲକର ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ (ବିଏସ) କଲେଜ ଛାତ୍ର ସଂସଦ ନିର୍ବାଚନରେ ସଭାପତିଙ୍କ ସହିତ ସଂଖ୍ୟାଧିକ ଏବିଭିପିର ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡିଛି। ଏଠାରେ ସଭାପତି ଭାବେ ଅଭିଜିତ ନାୟକ,ଉପସଭାପତି ଭାବେ ରାହୁଲ ବିଶ୍ୱାଳ,ସାଧାରଣ ସମ୍ପାଦକ ଭାବେ ସୁପ୍ରଭା ସିଂ,ସାଧାରଣ ସହ ସମ୍ପାଦକ ଭାବେ ବୈକୁଣ୍ଠ ରାଉତ,ଡିଏସଏ ସମ୍ପାଦକ ଭାବେ ସୋନାଲି ଘଡେଇ, ଡ୍ରାମାଟିକ ସମ୍ପାଦକ ଭାବେ ଭରତ ସ୍ୱାଇଁ ବିଜୟୀ ହୋଇଥିବା ଜଣାପଡିଛି।

# ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର) : ଜଳ ସଂରକ୍ଷଣ ଓ ଏହାର ଅପବ୍ୟବହାର ରୋକିବା ଲାଗି ଖପୁରିଆ ୱାଟକୋ କାର୍ଯ୍ୟାଳୟ ତରଫରୁ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇସି) ସଂପର୍କିତ ଏକ କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଖପୁରିଆ ୱାଟକୋ କାର୍ଯ୍ୟାଳୟ ତରଫରୁ ସହକାରୀ



ଯନ୍ତ୍ରୀ ଶୁଭସ୍ମିତା ସାମଲ, ୫୦ ନମ୍ବର ୱାର୍ଡ କର୍ପୋରେଟର ସନ୍ତୋଷ କୁମାର ଭୋଲ, ୫୧ ନମ୍ବର ୱାର୍ଡ କର୍ପୋରେଟର ରାକେଶ ସ୍ୱାଇଁ, ଜଳସାଥି ନମିତା ବସନ୍ତରାୟ, ସୁପ୍ରିୟା ମହାପାତ୍ର, ଲକ୍ଷ୍ମୀପ୍ରିୟା ବେହେରା ଏବଂ କାର୍ଯ୍ୟାଳୟର କର୍ମଚାରୀ ବିବେକାନନ୍ଦ ଦାସ, ଯଜାତି କେଶରୀ ନାୟକ, ସନ୍ଧ୍ୟାରାଣି ମଙ୍ଗରାଜ, ମକରଧ୍ୱଜ ସାହୁ, ପ୍ରଫୁଲ୍ଲ ବେହେରା, ରଣଜିତ ପାତ୍ର ପ୍ରମୁଖ ସାମିଲ୍ ହୋଇ ଘରକୁ ଘର, ବଜାର, ଶିକ୍ଷାନୁଷ୍ଠାନ, କଳ କାରଖାନା, ଚିକିତ୍ସାଳୟ ଇତ୍ୟାଦି ସ୍ଥାନରେ ୱାଟକୋ ତରଫରୁ ମିଳୁଥିବା ଶୁଦ୍ଧ ପାନୀୟ ଜଳର ସଦ୍ ବ୍ୟବହାର କରିବାକୁ କହିଥିଲେ । ଆଗାମୀ ଦିନରେ ଆସୁଥିବା ଜଳ ସଙ୍କଟ ସମୟରେ କଣ ପଦକ୍ଷେପ ନେବା ଉଚିତ, ସେ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ ।

### କର୍କଟ ରୋଗୀଙ୍କ ପୁନର୍ବାସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ

# ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନିତ କଲା ସୋଆ

ଭୁବନେଶ୍ୱର, (ସବ୍ୟୁ): କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ସହ ସେମାନଙ୍କ ଥଇଥାନ, କର୍କଟ ରୋଗୀଙ୍କ ପୁନର୍ବାସ ଓ ରୋଗମୁକ୍ତ ଜୀବନ ସଂପର୍କିତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ




ମାନସିକ ଓ ସାମାଜିକ ସହଯୋଗ ଏବଂ ରୋଗୀଙ୍କ କଲ୍ୟାଣ କ୍ଷେତ୍ରରେ ନିଃସ୍ୱାର୍ଥପର ସେବା ପାଇଁ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନିତ କରିଛି ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ। ସୋଆ କ୍ୟାମ୍ପସ୍‌ରେ ଶନିବାର 'ଚାମ୍ପିଅନ୍ସ ଅଫ୍ ହୋପ୍ ୨୦୨୬' କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ -୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ନନ୍ଦ କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେଉଥିବା ସଂଗଠନଗୁଡ଼ିକର ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏକ ସୁସ୍ଥ, ଯନ୍ତ୍ରଣାମୁକ୍ତ ଓ କର୍କଟ ରୋଗ ସଂପର୍କରେ ସଚେତନ ଭାରତ ଗଠନ ପାଇଁ ସମସ୍ତଙ୍କର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। କର୍କଟ ରୋଗରେ ପୀଡ଼ିତ ଶିଶୁମାନେ ଅତିଥିମାନଙ୍କ ସହ ମିଶି ଦୀପ ପ୍ରଜ୍ୱଳନ କରିବା ଏହି ଅବସରର ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା। ସମ୍ମିଳନୀର ଶେଷରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନିତ କରାଯାଇଥିଲା। କର୍କଟ ରୋଗୀଙ୍କ ଜୀବନରେ ଆଶା, ମର୍ଯ୍ୟାଦା ଓ ମନୋବଳ ଭରିଦେଉଥିବା ଏହି ସଂଗଠନଗୁଡ଼ିକୁ ସମାଜର ଅନାଲୋଚିତ ନାୟକ ଭାବେ ସ୍ୱୀକୃତି ଦିଆଯାଇଥିଲା।

## ଛାତ୍ର ସଂସଦ ନିର୍ବାଚନ, ଭବାନୀ ସଭାପତି, ତପସ୍ୟା ସାଧାରଣ ସମ୍ପାଦକ

ଜଟଣୀ, (ସବ୍ୟୁ) : ବହୁ ପ୍ରତିକ୍ଷିତ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଜଟଣୀ ମହାବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଥିବା ବେଳେ ଭୋଟ ଦାନ ପ୍ରକ୍ରିୟା ଶେଷ ହେବାପରେ ଅପରାହ୍ନ ୩ ଘଟିକା ପରେ ଗଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରେ ମୁଖ୍ୟତଃ ଦ୍ୱିମୁଖୀ ଲଢେଇ ହୋଇଥିଲା । ଏହି କ୍ରମରେ ଛାତ୍ର ସଂସଦ ସଭାପତି ଭାବେ ବିଜୁ ଛାତ୍ର ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଛାତ୍ର ଭବାନୀ ଶଙ୍କର ବାହୁବଳେନ୍ଦ୍ର ସଭାପତି ପଦ ହାତେଇଥିବା ବେଳେ ଏଭିଭିପି ରୁ ପ୍ରାର୍ଥୀ ହୋଇଥିବା ଛାତ୍ରୀ ତପସ୍ୟା ସାହୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ପ୍ରଧାନ , ସହ ସମ୍ପାଦକ ଭାବେ ସ୍ମୃତିପ୍ରଜ୍ଞା ସାହୁ , ଡ୍ରାମାଟିକ ସମ୍ପାଦକ ଭାବେ ଆକାଂକ୍ଷା ଦାସ , ଖେଳକୁଦ ସମ୍ପାଦକ ଭାବେ ସିଆରାମ ରଣା, କମନ ରୁମ ସେକ୍ରେଟାରୀ ଭାବେ ଦେବସ୍ମିତା ଜେନା ଏବଂ ଏସଏସଜି ସମ୍ପାଦକ ଭାବେ ସୌମ୍ୟ ରଞ୍ଜନ ମହାନ୍ତି ନିର୍ବାଚିତ ହୋଇଥିବା ଜଣାପଡିଛି । ବିଜୟୀ ପ୍ରାର୍ଥୀ ମାନଙ୍କର ନାମ ଘୋଷଣା ହେବାପରେ ବାଜା ବାଣ ଫୁଟାଇ ଖୁସି ମନାଯାଇଥିଲା । ଆସନ୍ତା କାଲି କାଲି ନିର୍ବାଚିତ ପ୍ରତିନିଧି ମାନଙ୍କ ଶପଥ ଗ୍ରହଣ ଉତ୍ସବ ପାଳନ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ନୂତନ ଶ୍ରମ ସଂହିତା ଉପରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ସଚେତନତା ପ୍ରଶିକ୍ଷଣ ଶିବିର

ଜଟଣୀ, (ସବ୍ୟୁ) : ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ନୂତନ ଶ୍ରମ ସଂହିତାର ବିଭିନ୍ନ ବ୍ୟବସ୍ଥା, ଏହାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ମିଳନୀ କକ୍ଷରେ ଏକ ସଚେତନତା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମଣ୍ଡଳର ବିଭିନ୍ନ ବିଭାଗ ଏବଂ ସେଗୁଡ଼ିକରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ସହ ଜଡ଼ିତ କର୍ମଚାରୀଙ୍କୁ ଶ୍ରମ ଆଇନ ଓ ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ଅବଗତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ଼ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ, ବିଭିନ୍ନ ବିଭାଗର ଶାଖା ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ ରେଳ କାର୍ଯ୍ୟରେ ନିୟୋଜିତ ଠିକା ଶ୍ରମିକଙ୍କ ସମ୍ବନ୍ଧିତ କାର୍ଯ୍ୟ ପରିଚାଳନା କରୁଥିବା କର୍ମଚାରୀମାନେ ଯୋଗଦେଇଥିଲେ।ଏହି ଶିବିରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ




ଡିଏଫସିସିଆଇଏଲ୍‌ର ପୂର୍ବତନ ମୁଖ୍ୟ କାର୍ମିକ ଅଧିକାରୀ ତଥା ମାନବ ସମ୍ବଳ ବିଭାଗର ପୂର୍ବତନ ମହାପ୍ରବନ୍ଧକ ହରି କ୍ରିଷ୍ଣନ୍ ନୂତନ ଶ୍ରମ ସଂହିତାର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ଶ୍ରମିକଙ୍କ କଲ୍ୟାଣ, କାର୍ଯ୍ୟସ୍ଥଳର ସୁରକ୍ଷା, ନିର୍ଦ୍ଧାରିତ ସମୟରେ ମଜୁରି ପ୍ରଦାନ, ଉପଯୁକ୍ତ କାର୍ଯ୍ୟ ପରିବେଶ ଏବଂ ରେଳ କାର୍ଯ୍ୟରେ ନିୟୋଜିତ ଠିକାଦାରମାନଙ୍କ ଆଇନଗତ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବୁଝାଇଥିଲେ। ଖୋର୍ଦ୍ଧାରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଭେଙ୍କଟେଶ ଏବଂ ମଣ୍ଡଳ କାର୍ମିକ ଅଧିକାରୀ ଅମରେନ୍ଦ୍ରନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ତଥା ମଣ୍ଡଳର ସମସ୍ତ ଶ୍ରମିକ କଲ୍ୟାଣ ନିରୀକ୍ଷକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା।

### ଢେଙ୍କାନାଳରେ ଛାତ୍ରସଂସଦ ନିର୍ବାଚନ ଶେଷ

# ଆଶୁତୋଷ ସଭାପତି, ରାକେଶ ସାଧାରଣ ସମ୍ପାଦକ



### ଫଳାଫଳ ଘୋଷଣାପରେ ଅସନ୍ତୋଷ, ଉପଜିଲ୍ଲାପାଳଙ୍କୁ ଅଟକ ରଖିଲେ ଛାତ୍ରଛାତ୍ରୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଥିବା ବିଭିନ୍ନ ମହାବିଦ୍ୟାଳୟରେ ଆଜି ନିର୍ବାଚନ ଶେଷ ସହିତ ନିର୍ବାଚନରେ ବିଜୟ ହୋଇଥିବା କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି। ବିଜୟ ପରେ ଛାତ୍ରଛାତ୍ରୀ ମାନେ ବାଣ,ବାଜା ସହିତ ବିଜୟ ଉତ୍ସବ ପାଳନ କରୁଥିବାର ଦେଖିବାକୁ ମିଳିଛି। ତେବେ ନିର୍ବାଚନ ଫଳାଫଳକୁ ନେଇ ଛାତ୍ରଛାତ୍ରୀ ମାନେ ଉପଜିଲ୍ଲାପାଳଙ୍କୁ ଅଟକ ରଖିବା ସହିତ ଧାରଣାରେ ବସିଥିବାର ଜଣାପଡିଛି। ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନ ପାଇଁ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶପାଇବା ପରେ ଛାତ୍ରଛାତ୍ରୀ ମାନେ ଆଜି ବାଣ ବାଜା ରୋଷଣୀରେ ସେମାନଙ୍କରନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି ସକାଳ ୮ଟାରୁ ନିର୍ବାଚନ ଆରମ୍ଭ ହୋଇ ଦିନ ଦୁଇଟା ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ ଦିନ ୩ଟା ସମୟରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗଣିତି ହୋଇଥିଲା। ଏହି ଗଣତିରେ ସଭାପତି ପାଇଁ ଆଶୁତୋଷ ରାଉଳ ବିଜୟୀ ହୋଇଥିବାବେଳେ ଉପସଭାପତି ପାଇଁ ବିଷ୍ଣୁ ପ୍ରସାଦ ସାମଲ,ସାଧାରଣ ସମ୍ପାଦକ ପାଇଁ ରାକେଶ ଓଝା,ସହକାରୀ ସାଧାରଣ ସମ୍ପାଦକ ଭାବରେ ଶୁଭମ ପ୍ରଧାନ,ଡ୍ରାମାଟିକ ସେକ୍ରେଟାରୀ ପାଇଁ ଆୟୁଷ ଅଭିନନ୍ଦନ ନାୟକ,ସହକାରୀ ଡ୍ରାମାଟିକ ସେକ୍ରେଟାରୀ ପାଇଁ ଶୁଭମ ମହାପାତ୍ର, ଆଥଲେଟିକ କ୍ଲବ ସେକ୍ରେଟାରୀ ପାଇଁ ଶିବମ ରାୟ,ସହକାରୀ ଆଥଲେଟିକ କ୍ଲବ ପାଇଁ ଓମପ୍ରକାଶ ପ୍ରଧାନ,ସୋସିଆଲ ସର୍ଭିସ ଗିଲ୍ଡ ସମ୍ପାଦକ ପାଇଁ ସୌମ୍ୟାସ୍ୱରୂପା ରାଉତ,ଡିଏସଏ ସମ୍ପାଦକ ପାଇଁ ପ୍ରିତେଶ ଦାସ, ବଏଜ୍ କମନ ରୁମ ସମ୍ପାଦକ ପାଇଁ ସତ୍ୟଜିତ ମୁର୍ମୁ,ସହକାରୀ କମନରୁମ ସମ୍ପାଦକ ପାଇଁ କେଆର ସାଗର ସୁମନ,ଗାର୍ଲସ କମନରୁମ ପାଇଁ ରିମଝିମ ପ୍ରିୟଦର୍ଶିନୀ,ସାଇନ୍ସ ସୋସାଇଟିପାଇଁ ରୁଦ୍ର ପ୍ରସାଦ ପଣ୍ଡା,ଆର୍ଟସ ସୋସାଇଟି ପାଇଁ ଆଦିତ୍ୟ ପ୍ରକାଶ ପୁହାଣ,କମର୍ସ ସୋସାଇଟି ପାଇଁ ସାଇ ସାମର୍ଥ୍ୟ,କ୍ଲାସ ରିପ୍ରେଜେନଟେଟିଭ ପାଇଁ ବୈଷ୍ଣବୀ ମହାରଣା ପ୍ରମୁଖ ବିଜୟୀ ହୋଇଛନ୍ତି। ଢେଙ୍କାନାଳ ମହାବିଦ୍ୟାଳୟରେ ମୋଟ ୨୨ଶହ୩୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩ଶହ୭୩ ଛାତ୍ରୀ ରହିଛନ୍ତି।ସେମାନଙ୍କ ମଧ୍ୟରୁ ମାତ୍ର ୫୭୪ଜଣ ପୁଅ ଏବଂ ୫୯୮ଜଣ ଝିଅ ମତଦାନ କରିଥିଲେ। ନିର୍ବାଚନ ଫଳାଫଳ ଘୋଷଣା ପରେ ଫଳାଫଳକୁ ନେଇ ଉତ୍ତେଜନା ଦେଖାଦେବା ସହିତ ଛାତ୍ରଛାତ୍ରୀ ମାନେ ଗେଟରେ ତାଲା ପକାଇ ଉପଜିଲ୍ଲାପାଳଙ୍କୁ ଅଟକ ରଖିଛନ୍ତି। ତେବେ ସଭାପତି ପ୍ରାର୍ଥୀ ଭାବରେ ଭୋଟ ଗଣତି ସମୟରେ କାହିଁକି ରଖାଗଲା ନାହିଁ ତାକୁ ନେଇ ଏହି ଉତ୍ତେଜନା ଦେଖାଦେଇଛି। ଖବରପାଇଁ କଲେଜ ଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ତାଳଚେର ଗଣେଶପୂଜାର ଫଳାଫଳ ଘୋଷିତ

ତାଳଚେର, (ସବ୍ୟୁ) : ତାଳଚେର ପ୍ରସିଦ୍ଧ ଗଣେଶପୂଜାର ଫଳାଫଳ ଆଜି ପ୍ରକାଶ ପାଇଛି। କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଥିବା ସଭାଘରେ ଏକ ସଭା ଆୟୋଜନ କରାଯାଇଥିଲା। କେନ୍ଦ୍ରୀୟ ଗଣେଶପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦ ଗିରି ଏଥିରେ ଅଧକ୍ଷତା କରିଥିଲେ। ଉପସ୍ଥିତ ସମସ୍ତ ପୂଜାକମିଟି କର୍ମକର୍ତାଙ୍କ ସମ୍ମୁଖରେ ପାଇଥିବା ନମ୍ବରକୁ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା । 'କ' ବିଭାଗ ଓ 'ଖ' ବିଭାଗର ପୂଜାମଣ୍ଡପ ଗୁ ଏଥିରେ ଭାଗନେଇଥିଲେ । ମୂର୍ତି, ସାଜସଜ୍ଜା, ଭସାଣୀ, ଶାନ୍ତିଶୃଙ୍ଖଳାରେ ବିଭିନ୍ନ କମିଟି ଗୁ ପ୍ରତିଦ୍ୱିନ୍ଦିତା ମୂଳକ ପୂଜା ଓ ଭସାଣି କରିଥିଲେ । ଏଥିରେ କାର୍ଯ୍ୟକାରୀ ସଭାପତି ଏସ ଭରତ ଚନ୍ଦ୍ର ସାହୁ, କଲେକ୍ଟର ଧର୍ମେନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ, ପ୍ରଭାତ ପଟ୍ଟନାୟକ, କୋଷାଧକ୍ଷକ ହୃଷିକେଶ ସାହୁ, ସହସମ୍ପାଦକ ବିଶ୍ୱରଞ୍ଜନ ତୁଙ୍ଗ ଓ ସମସ୍ତ କର୍ମକର୍ତା, କମିଟିର ସଭାପତି ଗଣ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମୂର୍ତି 'କ' ବିଭାଗ ୧ମ ବଉଳଛକ ରାସପାର୍ଟି, ୨ୟ ବ ଗଣେଶପୂଜା କମିଟି, ୩ୟ ଚିତ୍ରକୂଟ ପୂଜାକମିଟି, 'ଖ' ବିଭାଗ ୧ମ ତ୍ରିନାଥ ପୂଜାକମିଟି, ୨ୟ ଗଣପତି ପୂଜାକମିଟି, ୩ୟ କାରଗିଲ ଗ୍ରୁପ ଗଣେଶପୂଜା କମିଟି, ସାଜସଜ୍ଜା ବଉଳଛକ, ୨ୟ ବ ୩ୟ ବସଷ୍ଟାଣ୍ଡ ଗଣେଶପୂଜା କମିଟି, ବିଭାଗ 'ଖ' ୧ମ ହରଗୌରୀ ଗଣେଶପୂଜା କମିଟ, ୨ୟ ହାଣ୍ଡିଧୂଆଁ, ୩ୟ ଗଣପତି ଗଣେଶପୂଜା କମିଟି, ଭସାଣୀ ଶୋଭାଯାତ୍ରା 'କ' ବିଭାଗ ୧ମ ପାଟଣାସାହି, ୨ୟ ବଉଳଛକ, ୩ୟ କାରିଗରପ ସେହିପରି ଭସାଣୀ ବିଭାଗ 'ଖ'ରେ ୧ମ ଏନଜିଏମ ଗଣେଶପୂଜା କମିଟି, ୨ୟ ତ୍ରିନାଥ ଗଣେଶପୂଜା କମିଟି, ୩ୟ ମହାଲକ୍ଷୀ ଗଣେଶପୂଜା କମିଟି ବାପୁଜୀନଗର, ଶାନ୍ତିଶଅଙ୍ଖଳାରେ 'କ' ବିଭାଗ ୧ମ ହନୁମାନ ୨ୟ ଚିତ୍ରକୂଟ ବଜାର, ୩ୟ ହାଟତୋଟା ଗଣେଶପୂଜା କମିଟ, 'ଖ' ବିଭାଗ ୧ମ ଜୟ ମା'ମଙ୍ଗଳା ଗଣେଶପୂଜା କମିଟି, ୨ୟ ତାଳେଶ୍ୱରୀ ଗଣେଶପୂଜା କମିଟି, ୩ୟ ରୁଦ୍ରସେବକ ଗଣେଶପୂଜା କମିଟି ବ ସାହି ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## କନ୍ତପଡ଼ା ଗ୍ରାମରେ ରାଷ୍ଟ୍ରୀୟ ମହିଳା କୃଷକ ଦିବସ ପାଳିତ

ଆଠମଲ୍ଲିକ,(ସବ୍ୟୁ) : କନ୍ତପଡ଼ା ଗ୍ରାମରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ଏଫ ଇ ଏସ , ଅନୁଗୋଳ ପକ୍ଷରୁ ରାଷ୍ଟ୍ରୀୟ ମହିଳା କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳା କୃଷକମାନେ ଯୋଗଦେଇ କୃଷି କ୍ଷେତ୍ରରେ ମହିଳାଙ୍କ ଅବଦାନ ଓ ନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ।କାର୍ଯ୍ୟକ୍ରମରେ ଗ୍ରାମର ସଭାପତି ଅଜିତ କୁମାର ପ୍ରଧାନ, ସମ୍ପାଦକ ସଞ୍ଜୟ କୋଠାର ଏବଂ ପି ଆର ପି ଭୁବନ ପ୍ରଧାନ ଉପସ୍ଥିତ ରହି ମହିଳା କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏଫ ଇ ଏସ ର କର୍ମଚାରୀ ଜୟଶ୍ରୀ ମହାପାତ୍ର ଓ ସ୍ନେହା ଜେନ ଟେଟେ ବିଭିନ୍ନ ମନୋରଞ୍ଜନମୂଳକ ଖେଳ ମାଧ୍ୟମରେ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ।ଏହା ସହିତ କୃଷି ସମ୍ବନ୍ଧୀୟ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଶେଷରେ ଉତ୍କୃଷ୍ଟ ମହିଳା କୃଷକମାନଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ଅବଦାନ ପାଇଁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ବିଶିଷ୍ଟ ବ୍ୟବସାୟୀ ଅକ୍ଷୟ ପାତ୍ରଙ୍କ ପରଲୋକ

ଭୁବନ, (ସବ୍ୟୁ) : ଢେ଼ଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ ନମ୍ବର ୱାର୍ଡ ବଢେଇ ସାହି ବିଶିଷ୍ଟ



ବ୍ୟବସାୟୀ ଅକ୍ଷୟ କୁମାର ପାତ୍ର (୬୩) ଙ୍କର ବୁଧବାର ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି। ସେ କର୍କଟ ରୋଗର ପୀଡ଼ିତ ଥିଲେ, ସ୍ୱର୍ଗତ ଅକ୍ଷୟ ବାବୁ ନୂଆ ବଜାରରେ ଦୀର୍ଘ ଦିନ ହେଲା ଗ୍ରୋସେରି ଦୋକାନ କରି ତାଙ୍କ ଉତ୍ତମ ବ୍ୟବହାର ପାଇଁ ଲୋକ ପ୍ରିୟତା ହାସଲ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ନଗରପାଳ ଶୁଭେନ୍ଦୁ କୁମାର ସାହୁ ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି ଓ କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ୱର୍ଗତ ଅକ୍ଷୟ ବାବୁ ଭୁବନ ଉଚ୍ଚ ବିଦ୍ୟାଳୟ ର ୧୯୮୦ ମାଟ୍ରିକ ବ୍ୟାଚର ଛାତ୍ର ଥିଲେ ଓ ନୂଆ ବଜାର ବଣିକ ସଂଘର କର୍ମକର୍ତ୍ତା ଥିଲେ। ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ ସହିତ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ। ଜଣେ ଅତ୍ୟନ୍ତ ଶାନ୍ତ, ସରଳ, ଭଦ୍ର, ଅମାୟିକ, ପରୋପକାରୀ, ସ୍ନେହୀ, ଦୟାଳୁ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ଓ ନୂଆ ବଜାର ଦିନକ ପାଇଁ ବନ୍ଦ ରଖାଯାଇଛି।

## ବିଭିନ୍ନ ସ୍ଥାନରେ ପାଣିରେ ବୁଡି ୨ ମୃତ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ର ଗେଙ୍ଗୁଟିଆ ପଞ୍ଚାୟତର କୁଲେଇ ପାତ୍ର ସାହିରେ ଜଣେ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଖବର ନେବାରୁ ଜଣାପଡିଛି ଯେ କୁଲେଇ ପାତ୍ର ସାହିର ଭଗବାନ ଭୂତିଆ(୮୬) ଭୋର ୪ଟା ବେଳେ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡି ଯାଇଥିଲେ । ୫ଟା ବେଳେ ତାଙ୍କ ବୋହୁ ଗାଧୋଇବାକୁ ପୋଖରୀକୁ ଯିବାବେଳେ ତାଙ୍କ ଶ୍ୱଶୁର ପାଣିରେ ବୁଡି ଯାଇଥିବା ଦେଖିବାକୁ ପାଇଥିଲେ । ଏ ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇବାରୁ ସେମାନେ ଭଗବାନଙ୍କୁ ଉଦ୍ଧାର କରିବା ସହ ଦଦରାଘାଟି ଫାଣ୍ଡିକୁ ଖବର ଦେଇଥିଲେ । ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଏକ କେସ୍ ରୁଜୁ କରିଛି । ସେହିପରି ଲୋଧଣୀ ପଞ୍ଚାୟତର ପାଳ ସାହି ଗ୍ରାମର ସରୋଜ ସାହୁ (୫୪) ପୂର୍ବାହ୍ନ ୧୦ଟା ବେଳେ ପୋଖରୀକୁ ଗାଧୋଇବାକୁ ଯାଇ ସେଠାରେ ବୁଡି ଯାଇଥିଲେ । ଦିନ ପ୍ରାୟ ୫ଟା ବେଳେ ପରିବାର ଲୋକେ ସରୋଜ ସାହୁଙ୍କୁ ପୋଖରୀରେ ଦେଖି ସେଠାରୁ ଉଦ୍ଧାର କରିଥିଲେ । ପରେ ପରଜଙ୍ଗ ଥାନାକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପରଜଙ୍ଗ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ କେସ୍ ରୁଜୁ କରିଛି ।

## ମା' ରନ୍ନେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା

ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳର ଅଧିଷ୍ଠାତ୍ରୀ ଦେବୀ ମା ରନ୍ନେଶ୍ୱରୀଙ୍କ ପୀଠ ନବରାତ୍ର ପୂଜା ପାଇଁ ମୁଖରିତ ହୋଇ ଉଠିଛି। ରାଜା ରାଜେଶ୍ୱରୀ, ମହାମାୟୀ, ଯୋଗମାୟା, ମା ରନ୍ନେଶ୍ୱରୀ ଗତ ୧୦ ତାରିଖ ଶନିବାର ଠାରୁ ବିଭିନ୍ନ ରୂପରେ ସଜ୍ଜିତ ହୋଇ ପୂଜା ପାଇ ଭକ୍ତଙ୍କୁ ଦିବ୍ୟ ଦର୍ଶନ ଦେଉଛନ୍ତି। ପ୍ରତ୍ୟହ ସକାଳେ ଓ ଦ୍ୱିପ୍ରହରରେ ପଣ୍ଡିତ ମାନଙ୍କ ଦାରା ହୁମ ଆଦି ଯଜ୍ଞ କାର୍ଯ୍ୟ ସୂଚାରୁ ରୂପେ ସମାହିତ ହେଉଛି। ସଂନ୍ଧ୍ୟା ପରଠାରୁ ନାମ ସଂକୀର୍ତ୍ତନରେ ମାଙ୍କ ପୀଠସ୍ଥଳୀ ମୁଖରିତ ହୋଇ ଉଠୁଛି। ମହାସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ମା ଯଥାକ୍ରମେ କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ ଓ ଦେବୀ ଅପରାଜିତା ରୂପରେ ପୂଜିତ ହେବେ । ନବମୀ ତିଥିରେ ହବନ ସହ ମହା ଯଜ୍ଞର ପୂର୍ଣ୍ଣାହୁତି ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି।

## ଗ୍ରାମୀଣ ସଂଘର ଗଣଧାରଣା

ତାଳଚେର, (ସବ୍ୟୁ) : ଅଖିଳଭାରତ ଗ୍ରାମୀଣ ସଂଘ (ଏଆଇଜିଇଏସକ୍ୟୁ) ସିଏଚକ୍ୟୁ ନୂଆଦିଲ୍ଲୀ ଏବଂ ସର୍କଲ ଭୁବନେଶ୍ୱର ଆହ୍ୱାନକ୍ରମେ ମଣ୍ଡଳ ମାତ୍ରାଧିକ ଟାର୍ଗେଟ ପ୍ରେସର ବନ୍ଦ କରିବା, ଗ୍ରାମୀଣ ୮ମ ବେତନ ଆୟୋଗରେ ପରିସରଭୁକ୍ତ କରିବା ସହ ୧୦ଦଫା ଦାବିନେଇ ଏହି ଗଣଧାରଣା ଆୟୋଜିତ



ସମ୍ପାଦକ ହରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର କୋଣ ଅନୁକୋଣରୁ ଶହଶହ ଗ୍ରାମୀଣ ଙ୍କୋନାଳ ଅଧକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦେଇଥିଲେ । ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ରାଉତ, ପ୍ରଭାକର ନାୟକ, ପ୍ରମୋଦ ସାହୁ, ସତିଶ ବିଶ୍ୱାଳ, ସଚିନ ନାୟକଙ୍କ ସହିତ ଅନେକ ଗ୍ରାମୀଣ ଓ ନେତା ସକ୍ରିୟ ସହଯୋଗ କରିଥିଲେ ।

## ବଇଣ୍ଡା କଲେଜରେ ବିଶ୍ୱଜିତ ସଭାପତି, ଶିବାନନ୍ଦ ସମ୍ପାଦକ

ଠାକୁରଗଡ଼/ବଇଣ୍ଡା, (ସବ୍ୟୁ) : ଗୁରୁବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଜନତା ଡିଗ୍ରୀ ମହାବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳା ର ସହ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । କଡା ସୁରକ୍ଷା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି ଭାବରେ ଏବିଭିପି ପ୍ରାର୍ଥି ବିଶ୍ୱଜିତ ପ୍ରଧାନ ସଭାପତି ଭାବରେ ନିର୍ବା**ଚିତ** ହୋଇଥିବା ବେଳେ ସମ୍ପାଦକ ଭାବରେ ଶିବାନନ୍ଦ ପ୍ରଧାନ ନିର୍ବା**ଚିତ** ହୋଇଛନ୍ତି । ଉପ ସଭାପତି ଭାବରେ ପ୍ରତିଭା ପ୍ରଧାନ, ସହ ସମ୍ପାଦକ ସଚିନ ରଣା, ସାଂସ୍କୃତିକ ସମ୍ପାଦକ ରାକେଶ ରୋଶନ ଦେହୁରୀ, ଆଥଲେଟିକ ସମ୍ପାଦକ ଲିପ୍ସା ମାଝୀ ନିର୍ବା**ଚି**ତ ହୋଇ ଛନ୍ତି । ସକାଳ ୮ ଟା ସମୟ ରେ ଭୋଟ ଆରମ୍ଭ ହୋଇ ଥିଲା। ୫୪୭ ଜଣ ଛାତ୍ରୀ ଛାତ୍ରଙ୍କ ମଧ୍ୟରୁ ୫୪୨ ଜଣ ଛାତ୍ରୀ ଛାତ୍ର ଭୋଟ ଦେଇଥିଲେ । ଅନେକ ପ୍ରାର୍ଥିଙ୍କର ସମ୍ପର୍କୀୟ ମାନେ ଭୋଟ ଦେବା ପାଇ ଛାତ୍ରୀ ଛାତ୍ରଙ୍କୁ କଲେଜ ଅଭିମୁଖେ ଆଣିଥିଲେ । କିପରି ଶାନ୍ତି ଶୃଙ୍ଖଳାର ପରୀକ୍ଷା ହେବ ସେ ନେଇ କଲେଜ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରା ଯାଇଥିଲା। ବିଜୟୀ ହେବା ପରେ ଛାତ୍ରୀ ଛାତ୍ର ମାନେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଭୋଟ ଗୃହରେ ମାଜେଷ୍ଟ୍ରଟ ଭାବରେ କିଶୋରନଗର ଅତିରିକ୍ତ ତହସିଲଦାର ସରିତା ସୁଚରିତା ଯୋଗ ଦେଇଥିବା ବେଳେ ହଣ୍ଡପା ଆଇଆଇସି ରାଜେସ ଶତପଥିଙ୍କ ସମେତ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ । କୌଣସି ଅପ୍ରୀତିକ ପରିସ୍ଥିତି ସୃଷ୍ଟି ହୋଇ ନଥିବା ନିର୍ବା**ଚନ** ଅଧିକାରୀ ନିରଞ୍ଜନ ଦାସ ଓ କଲେଜର ଅଧକ୍ଷ ପ୍ରଶାନ୍ତ ଖମାରି ସୂଚନା ଦେଇଛନ୍ତି।

## କାମାକ୍ଷାନଗର ମହାବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳର ବାଜିମାତ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ପ୍ରାର୍ଥୀଙ୍କ ବିଜୟ ହୋଇଛି। ସଭାପତି, ଉପସଭାପତି ଓ ସମ୍ପାଦକ ପଦବୀରେ ଦଳର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ମୋଟ ୫୫୨ ଭୋଟରଙ୍କ ମଧ୍ୟରୁ ୪୫୮ ଜଣ ମତଦାନ କରିଥିଲେ। ବିଜୟ ପରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ କଲେଜର ବିକାଶ ପାଇଁ କାମ କରିବାକୁ କହିଛନ୍ତି ନବନିର୍ବାଚିତ ପ୍ରତିନିଧି। ନିର୍ବାଚନ ଫଳାଫଳ ଅନୁଯାୟୀ, ସଭାପତି ଭାବେ କିରଣ କୁମାର ନାୟକ, ଉପସଭାପତି ଭାବେ ସୌମ୍ୟରଞ୍ଜନ ମଲ୍ଲିକ ଏବଂ ସମ୍ପାଦକ ଭାବେ ଧନଞ୍ଜୟ ସାହୁ ବିଜୟୀ ହୋଇଛନ୍ତି। ବିଜୟ ପରେ ସେମାନେ ସହପାଠୀ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତଙ୍କ ସହଯୋଗରେ କଲେଜର ଶୈକ୍ଷିକ ପରିବେଶର ଉନ୍ନତି, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ



ଓ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ବିଜୟ ପରେ ଛାତ୍ର, ଛାତ୍ରୀ ମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି।

### ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳ

## ସଭାପତି ଶୁଶ୍ରେତା ପରିଡା ଓ ସାଧାରଣ ସମ୍ପାଦିକା ଐଶ୍ୱର୍ଯ୍ୟା ସାହୁ

ଢେଙ୍କାନାଳ, (ସବ୍ୟୁ) ; ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଛାତ୍ରସଂସଦ ନିର୍ବାଚନ ଫଳାଫଳ ଘୋଷିତ ହୋଇଛି। ସଭାପତି ଭାବରେ ଶୁଶ୍ରେତା ପରିଡା,ଉପସଭାପତି ମଧୁସ୍ମିତା ପଣ୍ଡା,ସାଧାରଣ ସମ୍ପାଦକ ସୁଶ୍ରୀ ଐଶ୍ୱର୍ଯ୍ୟା ସାହୁ, ସହକାରୀ ସାଧାରଣ ସମ୍ପାଦକ ବିଜୟିନି ସେନାପତି, ଡ୍ରାମାଟିକ ସେକ୍ରେଟାରୀ ଭାବରେ ଶ୍ରୀୟା ରଥ,ସହାକାରୀ ଡ୍ରାମାଟିକ ସେକ୍ରେଟେରୀ ଭାବରେ ମୌସୁମୀ ନାଥ,ଆଥଲେଟିକ ସମ୍ପାଦକ ଭାବରେ ସ୍ମୃତି ପିରେଇ,ସହାକରୀ ସମ୍ପାଦକ ଭାବରେ ଜ୍ୟୋର୍ତିମୟୀ ବେହେରା,କମନରୁମ



ସମ୍ପାଦିକା ଯଶସ୍ୱିନୀ ବେହେରା,ସୋସିଆଲ ସର୍ଭିତ ଗାଇଲ୍ଡ ସମ୍ପାଦକ ପୂର୍ଣ୍ଣମା ପ୍ରଧାନ,ସହକାରୀ ଭାବରେ ଶୁଭଶ୍ରୀ ପ୍ରିୟଦର୍ଶିନୀ,ଡେସ୍କୋଲାର ଆସୋସିଏସନ ସମ୍ପାଦକ ସ୍ମାକଲିନ ମହାଲିକ,ସହକାରୀଭାବରେ ଲିପସା ସିଂହ,ହ୍ୟୁମାନିଟିସ ଆସୋସିଏସନର ସମ୍ପାଦକ ପ୍ରୋଣିତା ସାହୁ,ସହକାରୀ ଭାବରେ ପ୍ରାଚୀ ସାହୁ,ସାଇନ ସୋସାଇଟି ସମ୍ପାଦିକା ବନିତା କାଣ୍ଡି,ସହକାରୀ ଭାବରେ ଶୁଭଶ୍ରୀ ସାମଲ,ଓଡିଆ ସାହିତ୍ୟ ସମାଜ ସମ୍ପାଦିକା ଅର୍ଚ୍ଚନା ବେହେରା,ଶୁଭଦ୍ରା ପାଲ,ସସ୍ମିତା ବେହେରା ପ୍ରମୁଖ ନିର୍ବାଚିତ ହୋଇଥିବାର ଜଣାପଡିଚି। ନିର୍ବାଚନ ପରେ ବିଜୟୀ ଛାତ୍ରୀ ମାନେ ବାଣ,ବାଜା ରୋଷଣୀରେ ନାଚି ନାଚି ବିଜୟ ଉତ୍ସବ ପାଳନ କରିଛନ୍ତି।

## ଏଆଇଟିୟୁସିର ଅନୁଗୋଳ ଜିଲ୍ଲା ସମ୍ମିଳନୀ

ତାଳଚେର, (ସବ୍ୟୁ) : ଏଆଇଟିୟୁସି ଅନୁଗୋଳ ଜିଲ୍ଲା ସମ୍ମିଳନୀ ତାଳଚେର ପ୍ରେସ କ୍ଲବ ଠାରେ ସଭାପତି ପୁଷ୍ପାଞ୍ଜଳୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଅନୁଗୋଳ ଜିଲ୍ଲା କମିଟିର ନୂତନ କର୍ମକର୍ତା ଘୋଷଣା ସହ ସାଙ୍ଗଠନିକ ବିଷୟରେ ଆଲୋଚନା ହୋଇଥିଲା । ବିଶେଷକରି ଏଆଇଟିୟୁସିର ୧୪ତମ ରାଜ୍ୟ ସମ୍ମିଳନୀ ତାଳଚେରର ଦେଉଳବେ କୋଲିୟରୀ ହଲରେ ଆଗାମୀ ଅକ୍ଟୋବର ୩୧ରୁ ଆରମ୍ଭହୋଇ ନଭେମ୍ବର ୨ରେ ଉଦଯାପିତ ହେବ । ଏଥିରେ ଅଭ୍ୟର୍ଥନା କମିଟିର ଅଧକ୍ଷ ପୂର୍ବତନ ସାଂସଦ ରବିନାରାୟଣ ପାଣି ଅଧକ୍ଷତାରେ ବିଧାୟକ ବ୍ରଜକିଶୋର ପ୍ରଧାନ, ଏଆଇଟିୟୁସିର ସର୍ବଭାରତୀୟ ରମେନ୍ଦ୍ର କୁମାର, ସମ୍ପାଦିକା ଅମରଜ୍ଜିର୍ଜୀ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ, କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ସିପିଆଇର ସମ୍ପାଦକ ରାମକୃଷ୍ଣପଣ୍ଡା, ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିନରେ ହାଣ୍ଡିଧୂଆଁ ଛକ ଓ ତାଳଚେର ବସଷ୍ଟାଣ୍ଡ ଠାରୁ ପୃଥକ ପୃଥକ ଭାବେ ଶୋଭାଯାତ୍ରା ବାହରି ଦେଉଳବେ ପଂହଚିବ । ଏଥିରେ ୧୦ହଜାର ଶ୍ରମିକ ମାନଙ୍କ ସମାବେଶ ଅନୁଷ୍ଠିତ ହେବ । ଏଥିରେ କୋଇଲା ଖଣି କର୍ମଚାରୀ, ଅଙ୍ଗନାବାଡି, ଆଶା, ପାଚିକା, ନିର୍ମାଣ ଶ୍ରମିକ, ବିଦ୍ୟୁତ ଶ୍ରମିକ, ବ୍ୟାଙ୍କ, ସିଆରପି ଶ୍ରମିକ ସଂଗଠନମାନେ ଯୋଗ ଦେବେ । ସେହିପରି ରାଜ୍ୟର ୫ଶହ ଶ୍ରମିକ ପ୍ରତିନିଧିମାନେ ଦ୍ୱିତୀୟ ଦିବସରେ ଆଲୋଚନାରେ ଭାଗନେବେ । ଏହି ବୈଠକରେ ଅଭ୍ୟର୍ଥନା କମିଟିର ଏସକେ ଶର୍ମା, ସାମ୍ବାଦିକ ବିଜୟ ଦେବତା, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ, ବୃନ୍ଦାବନ ଲେଙ୍କା, ଶ୍ରୀନିବାସ ପ୍ରଧାନ, ମାନସ ଦାସ, ବିନୋଦ ଲାଲ, ପ୍ରକାଶ ପ୍ରଧାନ, ବୃନ୍ଦାବନ ସାହୁ, ଅଙ୍ଗନବା ନେତ୍ରୀ ମନୋରମା ବିଶ୍ୱାଳ, ସଞ୍ଜୁକ୍ତା ପାତ୍ରୀ, ବିଜୟିନୀ ଆଚାର୍ଯ୍ୟ, ପ୍ରମିଳା ଭୋଳା, ରାଜଲକ୍ଷ୍ମୀ ଜେନା, ମମତା ଦଳବେହେରା ପ୍ରମୁଖ ଯୋଗଦେଇ ସମ୍ମିଳନୀକୁ ସଫଳତା ନେଇ ଆଲୋଚନାରେ ଭାଗ ନେଇଥିଲେ।

## ୧୯୦ ଲିଟର ଚୋରା ବିଦେଶୀ ମଦ ସହ ଅଟୋ, କାର ଜବତ : ୪ ଗିରଫ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ବେଳେ ଗୁରୁବାର ଦିନ ସକାଳେ ଅନୁଗୋଳ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳର ସ୍ୱତନ୍ତ୍ର ଟିମ ସାନହୁଲା ନିକଟରେ ଏକ ଅଟୋ ଓ ଏକ କାରରେ ବୋଝେଇ ହୋଇଥିବା ବିଦେଶୀ ମଦ ଜବତ କରିଛନ୍ତି ।ଏଥିସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଠାକୁରଗଡ ଅଞ୍ଚଳର ଚିତ୍ତରଞ୍ଜନ ସାହୁ , ହଣ୍ଡପା ଥାନା ପରଶୁମାଳ ଗ୍ରାମର କ୍ରୀଷ୍ଣା ବେହେରା, ହଣ୍ଡପା ଥାନା ଅଞ୍ଚଳର ଅମୂଲ୍ୟ ସାହୁ, ସିଦ୍ଧାନ୍ତ ବେହେରା। ଘଟଣାରୁ ଜଣା ପଡିଛି ଯେ ଉକ୍ତ ୪ ଜଣ କିଛି ମାସ ହେବ ଠାକୁରଗଡ ଥାନା ପୋଲିସର କିଛି କର୍ମଚାରୀଙ୍କୁ ହାତ କରି ବେଆଇନ ଭାବରେ ବିଭିନ୍ନ ଗ୍ରାମକୁ ଚୋରା ମଦ ଚାଲାଣ କରୁଛନ୍ତି । ଏ ନେଇ ପୂର୍ବରୁ ଠାକୁରଗଡ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ସଠିକ ସମୟ ରେ ଚଢାଉ କରାଯାଉ ନାହି । ଏ ନେଇ ପାଇକସାହି ଗ୍ରାମବାସୀ ମାନେ ଠାକୁରଗଡ ଥାନା ଅଞ୍ଚଳ ରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ସମ୍ପର୍କରେ ତା ୫/୧୦/୨୦୨୬ ରେ ଅନୁଗୋଳ ଏସପିଙ୍କ ଠାରେ ଅଭିଯୋଗ କରିଥିଲେ। ପରେ ଅନୁଗୋଳ ଏସପି ଅନୁଗୋଳ ରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଠାକୁରଗଡ ଥାନା ଅଞ୍ଚଳ ରେ ଚଢଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଉକ୍ତ ଟିମ ଗୁରୁବାର ଦିନ ବଡି ଭୋର ସମୟରେ ଏକ ଅଟୋ ନମ୍ବର ଓ ୧୯ ଜି ୭୫୮୫ ଓ ଏକ କାର ନମ୍ବର ଓ ୦୨ ସି ଡବ୍ଲୁ ୧୦୨୦ ଯୋଗେ ଠାକୁରଗଡ ରୁ ସାନହୁଲା ଅଭିମୁଖେ ଆସୁଥିବା ଖବର ପାଇଁ ସାନହୁଲା ନିକଟରେ ଚଢଉ କରି ୧୯୦ ଲିଟର ଚୋରା ବିଦେଶୀ ମଦ ଜବତ କରିଥିଲେ । ଏଥିସହ ୪ ଜଣଙ୍କୁ ଗିରଫ କରିଥିଲେ । ପରେ ଠାକୁରଗଡ ଥାନା କୁ ଜବତ ମଦ ସହ ଗାଡି ଗୁଡିକ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତିମାନଙ୍କ ନାମରେ ଠାକୁରଗଡ ପୋଲିସ ନମ୍ବର ୩୦୯/୨୬ ଓ ୩୧୦/୨୬ ରେ ଦୁଇଟି ମାମଲା ରୁଜୁ କରି ଆଠମଲ୍ଲିକ କୋର୍ଟ କୁ ଚାଲାଣ କରିଛନ୍ତି।

## ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ, ବିଦ୍ୟାଳୟରେ ତାଲା

ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ପଞ୍ଚାୟତର ଭଗାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ମଦନ ମୋହନ ନାୟକଙ୍କୁ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି କରାଯାଇଛି । ଫଳରେ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ତାଙ୍କ ବଦଳିକୁ ବାତିଲ କରିବା ଦାବିକୁ ନେଇ ଗ୍ରାମବାସୀ ମାନେ ବୁଧବାର ଓ ଗୁରୁବାର ଦୁଇ ଦିନ ହେବ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ ୧୯୫୨ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏହି ବିଦ୍ୟାଳୟ ବହୁ ବର୍ଷ ହୋଇଥିଲେ ମଧ୍ୟ ଅହି ବିଦ୍ୟାଳୟ ର ଉନ୍ନତି କରାଯାଉ ନାହି । ବିଶେଷ କରି ଶିଶୁ ବାଟିକାରୁ ପଞ୍ଚମ




ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୩୫ ଜଣ ଛାତ୍ରୀ ଛାତ୍ର ଅଧ୍ୟୟନ କରୁଛନ୍ତି । ହେଲେ ସେମାନଙ୍କୁ ପାଠ ପଢିବା ପାଇଁ ମାତ୍ର ଦୁଇ ଜଣ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ଅନେକ ସମୟ ରେ ପାଠ ପଢାରେ ଅସୁବିଧା ସୃଷ୍ଟି ହେଉଥିବା ବେଳେ ପ୍ରଧାନ ଶିକ୍ଷକ ଦାୟିତରେ ଥିବା ଶିକ୍ଷକ ମଦନ ମୋହନଙ୍କୁ ଶିକ୍ଷା ବିଭାଗ ପଦୋନ୍ନତି ଦେଇ ଅନ୍ୟତ୍ର ବଦଳି କରି ଦେଇଛନ୍ତି । ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ତାଙ୍କ ବଦଳି କୁ ବାତିଲ କରିବା ପାଇଁ ଗ୍ରାମବାସୀ ମାନେ ବୁଧବାର ଠାରୁ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ତୁରନ୍ତ ତାଙ୍କ ବଦଳି ବାତିଲ କରାନଗଲେ ଆଗାମୀ ଦିନରେ ଅର୍ନିଦିଷ୍ଟ କାଳ ପାଇଁ ତାଲା ପକାଇ ଆନ୍ଦୋଳନ କରାଜୀବ ବୋଲି ଗ୍ରାମ ସଭାପତି ଶରତ ବେହେରା, ମୁକ୍ତା ନାୟକ, କିଶୋର ଚନ୍ଦ୍ର ନାୟକ, ଧରଣୀ ଧର ନାୟକ, ବୀଣା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏ ନେଇ ଆଠମଲ୍ଲିକ ବିଇଓ ସୁନୀଲ କୁମାର ପ୍ରଧାନ କୁହନ୍ତି ଉକ୍ତ ବିଦ୍ୟାଳୟ ର ଶିକ୍ଷକ ମଦନ ମୋହନ ନାୟକ ପଦୋନ୍ନତି ପାଇଁ ଅନ୍ୟତ୍ର ବଦଳି ହୋଇଛନ୍ତି । ହେଲେ ଗ୍ରାମବାସୀ ମାନେ ତାଙ୍କୁ ସେଠାରୁ ନ ଛାଡିବା ପାଇଁ ଦାବି କରିଛନ୍ତି । ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

## ସମ୍ପାଦକୀୟ

# ଛାତ୍ର ରାଜନୀତି ଦିଗଦର୍ଶନ ଦେଉ

ରାଜନୀତି ହିଁ ଆମ ଦେଶରେ ସ୍ୱାଧୀନତା ଆଣିଥିଲା । ସ୍ୱାଧୀନତାର ପ୍ରାକ୍ କାଳରେ ଛାତ୍ରଓ ଯୁବ ସମାଜ ହିଁ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନକୁ ଆଗେଇ ନେଇଥିଲେ । ଏହି ଛାତ୍ରଛାତ୍ରୀମାନଙ୍କ ପରବର୍ତ୍ତୀ ଅବସ୍ଥା ହିଁ ପରିପକ୍ୱ ଯୁବାବସ୍ଥା ବୋଲି କୁହାଗଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଦୀର୍ଘ ଆଠବର୍ଷ ପରେ ପୁଣିଥରେ ଉଚ୍ଚଶିକ୍ଷା ଥିବା କଲେଜମାନଙ୍କରେ ନିର୍ବାଚନ ପାଇଁ ରାଜ୍ୟ ସରକାର ସୁଯୋଗ ଦେବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏଥିପାଇଁ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି । ପ୍ରାୟ ଛଅ ହଜାର ଛାତ୍ରଛାତ୍ରୀ ଏହି କଲେଜ ଭୋଟରେ ସାମିଲ ହୋଇଥିବା ଜଣାଯାଇଛି । ବିଗତ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ କାହିଁକି ଏହି କଲେଜ ନିର୍ବାଚନ କରାଇବାକୁ ସୁଯୋଗ ଦିଆଯାଇ ନଥିଲା, ସେ ବିଷୟରେ ବିଜୁ ଜନତା ଦଳ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଏ ପର୍ଯ୍ୟନ୍ତ ଦିଆଯାଇ ପାରିନାହିଁ ।

ଅତୀତରେ ଛାତ୍ର ଓ ଯୁବକମାନେ ହିଁ ପ୍ରତ୍ୟକ୍ଷ ରାଜନୀତିକୁ ଆସି ବିଧାୟକ, ସାଂସଦ ବା ମନ୍ତ୍ରୀ ହୋଇଥିଲେ । ତେଣୁ କଲେଜ ନିର୍ବାଚନରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କର ଫଳାଫଳ ବାହାରିବା ପରେ ସେମାନେ ହୁଏତ ମଉଜ ମଜଲିସରେ ମାତିବେ । ରାଜନୀତିକ ଦଳର କର୍ମକର୍ତ୍ତାମାନଙ୍କୁ ଭେଟିବେ ଓ ସେମାନଙ୍କ ପରାମର୍ଶ ଗ୍ରହଣ କରିବେ । ଛାତ୍ର ରାଜନୀତିରେ ଭାଗ ନେବାକୁ ସୁଯୋଗ ପାଇ ନଥିବା ବା କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇପାରି ନଥିବା ଛାତ୍ରଛାତ୍ରୀମାନେ ହୁଏତ ମନ ଦୁଃଖରେ ଥିବେ । କିନ୍ତୁ ସମସ୍ତେ ଯେ ରାଜ୍ୟ ବା ରାଷ୍ଟ୍ରର ରାଜନୀତି ବିଷୟରେ ସଚେତନ, ଏଥିରେ ସନ୍ଦେହ ନାହିଁ । ପ୍ରଥମେ ଆମ ରାଜ୍ୟର ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ବା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ପରେ ନବୀନ ପଟ୍ଟନାୟକ ବିଜେଡ଼ିର ଯୁବ ଓ ଛାତ୍ରମାନଙ୍କ ପାଇଁ କାହିଁକି କେଜାଣି ଆଉ ଆକର୍ଷଣୀୟ ହୋଇ ପାରିଲେ ନାହିଁ । ତେଲଗୁ ଓ ତାମିଲ ଢାଞ୍ଚାରେ ଅନେକ ଓଡ଼ିଆ ସିନେମା ହିରୋ ବା ହିରୋଇନଙ୍କୁ ବିଜେଡ଼ିରେ ଭର୍ତ୍ତି କରାଗଲା । ମାତ୍ର ଓଡ଼ିଶାରେ ସେମାନଙ୍କ ପ୍ରତି ଛାତ୍ରଛାତ୍ରୀ ବା ଯୁବକ ଯୁବତୀମାନେ ବେଶୀ ଗୁରୁତ୍ୱ ଦେଇଥିବା ପରି ମନେ ହେଲା ନାହିଁ । ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ମଧ୍ୟ ଆପଣାର ବ୍ୟକ୍ତିତ୍ୱ ବଳରେ ଛାତ୍ର ଓ ଯୁବ ସମାଜକୁ ନିଜ ଆଡକୁ ଆକୃଷ୍ଟ କରାଇବାକୁ ଚେଷ୍ଟା କରିଥିଲେ । ମାତ୍ର ସେଥିରେ ସେ ମଧ୍ୟ ବିଶେଷ ସଫଳତା ଲାଭ କରି ପାରି ନଥିଲେ । କୌଣସି କାରଣରୁ ଛାତ୍ର ଓ ଯୁବ ବର୍ଗ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବ୍ୟକ୍ତିତ୍ୱ ଆଡ଼କୁ ଏବେ ଢଳିଥିବା ପରି ମନେ ହେଉଛି । ମୋଦିଜୀ ଜଣେ ବହୁମୁଖୀ ପ୍ରତିଭାସଂପନ୍ନ ବ୍ୟକ୍ତି । ତାଙ୍କର ନୀତିନିଷ୍ଠା ହିଁ ତାଙ୍କୁ ରାଜନୀତିରେ ଆଗକୁ ଆଗକୁ ବାଟ କଢ଼ାଇ ନେଇଛି । ତାଙ୍କପ୍ରତି ପ୍ରାୟ ସବୁ ବର୍ଗର ଲୋକେ ଆକର୍ଷିତ । ସେମାନେ ଜେନ୍‌ଜି ଯୁବ ସମ୍ପ୍ରଦାୟର ହୁଅନ୍ତୁ ପଛେ ସେମାନଙ୍କ ମଧ୍ୟରୁ ଅନେକ ମୋଦିଜୀଙ୍କ ଆଡ଼କୁ ଆକୃଷ୍ଟ ହୋଇ ପାରିଛନ୍ତି ।

ମୋଦିଜୀଙ୍କ ଲକ୍ଷ୍ୟ ହେଲା ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା । ଏଥିପାଇଁ ତାଙ୍କର ନିଷ୍ଠା ଓ ସଂକଳ୍ପକୁ ମାନି ତାଙ୍କରି ମାର୍ଗର ଅନୁସରଣ କରିବା ଉଚିତ । ବିଶେଷ କରି ଛାତ୍ର ଓ ଯୁବ ବର୍ଗ ୨୦୨୭ ସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦିଜୀ ଦେଖିଥିବା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ । ଅନେକ ବର୍ଷ ତଳେ ସ୍ୱାମୀ ବିବେକାନନ୍ଦ କହିଥିଲେ– 'ବଳିଷ୍ଠ ବୀର୍ଯ୍ୟବାନ, ପ୍ରତ୍ୟୟସଂପନ୍ନ, ସଂପୂର୍ଣ୍ଣ ଛଳନାହୀନ ନିଷ୍ପାପର ଯୁବକ ଆମର ଆବଶ୍ୟକ । ଏପରି ଶହେ ଯୁବକ ବାହାରି ପଡ଼ନ୍ତୁ, ବିଶ୍ୱରେ ହୋଇଯିବ ବୈପ୍ଳବିକ ପରିବର୍ତ୍ତନ ।' ତେଣୁ ଛାତ୍ର ରାଜନୀତିରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରନେତା ବା ଉତ୍ତମ ଯୁବକମାନେ ଚାହିଁଲେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରି ପାରିବେ– ସ୍ୱାଧୀନତାର ଏକଶତ ବର୍ଷରେ । ଆଉ ଦଶବର୍ଷ ପରେ ଯେତେବେଳେ ଓଡ଼ିଶା ତାହାର ଶତବାର୍ଷିକ ଉତ୍ସବ ପାଳନ କରିବ, ସ୍ୱାମୀ ବିବେକାନନ୍ଦ କହିଥିବା ପରି ଯୁବକମାନଙ୍କର ଆବଶ୍ୟକତା ଏଠାରେ ରହିଛି– ବିକାଶଶୀଳ ଓଡ଼ିଶାକୁ ବିକଶିତ ଓଡ଼ିଶାରେ ରୂପାନ୍ତରିତ କରିବା ପାଇଁ । ପ୍ରତ୍ୟେକ ଛାତ୍ର ଓ ଯୁବକ ଏଥିପାଇଁ ଶପଥ ନିଅନ୍ତୁ ।

**ମୋଦିଜୀଙ୍କ ଲକ୍ଷ୍ୟ ହେଲା ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା । ଏଥିପାଇଁ ତାଙ୍କର ନିଷ୍ଠା ଓ ସଂକଳ୍ପକୁ ମାନି ତାଙ୍କରି ମାର୍ଗର ଅନୁସରଣ କରିବା ଉଚିତ । ବିଶେଷ କରି ଛାତ୍ର ଓ ଯୁବ ବର୍ଗ ୨୦୨୭ ସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦିଜୀ ଦେଖିଥିବା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ । ଅନେକ ବର୍ଷ ତଳେ ସ୍ୱାମୀ ବିବେକାନନ୍ଦ କହିଥିଲେ– 'ବଳିଷ୍ଠ ବୀର୍ଯ୍ୟବାନ, ପ୍ରତ୍ୟୟସଂପନ୍ନ, ସଂପୂର୍ଣ୍ଣ ଛଳନାହୀନ ନିଷ୍ପାପର ଯୁବକ ଆମର ଆବଶ୍ୟକ । ଏପରି ଶହେ ଯୁବକ ବାହାରି ପଡ଼ନ୍ତୁ, ବିଶ୍ୱରେ ହୋଇଯିବ ବୈପ୍ଳବିକ ପରିବର୍ତ୍ତନା' ତେଣୁ ଛାତ୍ର ରାଜନୀତିରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରନେତା ବା ଉତ୍ତମ ଯୁବକମାନେ ଚାହିଁଲେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରି ପାରିବେ– ସ୍ୱାଧୀନତାର ଏକଶତ ବର୍ଷରେ । ଆଉ ଦଶବର୍ଷ ପରେ ଯେତେବେଳେ ଓଡ଼ିଶା ତାହାର ଶତବାର୍ଷିକ ଉତ୍ସବ ପାଳନ କରିବ, ସ୍ୱାମୀ ବିବେକାନନ୍ଦ କହିଥିବା ପରି ଯୁବକମାନଙ୍କର ଆବଶ୍ୟକତା ଏଠାରେ ରହିଛି– ବିକାଶଶୀଳ ଓଡ଼ିଶାକୁ ବିକଶିତ ଓଡ଼ିଶାରେ ରୂପାନ୍ତରିତ କରିବା ପାଇଁ । ପ୍ରତ୍ୟେକ ଛାତ୍ର ଓ ଯୁବକ ଏଥିପାଇଁ ଶପଥ ନିଅନ୍ତୁ ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଓଡ଼ିଶାର ଅର୍ଥନୈତିକ ବିକାଶ

## (ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆଧାରରେ)



ତେଜେଶ୍ୱର ପଟ୍ଟନାୟକ

ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ରାଜ୍ୟର ଅର୍ଥନୀତିରେ ରୋଜଗାର ସୃଷ୍ଟି, ଉଦ୍ୟୋଗୀକରଣ ଓ ସନ୍ତୁଳିତ ଆଞ୍ଚଳିକ ବିକାଶର ଏକ ପ୍ରମୁଖ ଆଧାର ଅଟେ । ଓଡ଼ିଶାର ଅର୍ଥନୈତିକ ସର୍ବେକ୍ଷଣ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଅବଦାନ ପ୍ରାୟ ୩୦ ପ୍ରତିଶତ ବୋଲି ଦର୍ଶାଯାଇଛି । ଉପଲବ୍ଧ ତଥ୍ୟ ଅନୁସାରେ, ରାଜ୍ୟରେ ଉଦ୍ୟମ ପୋର୍ଟାଲରେ ପ୍ରାୟ ୨୫ ଲକ୍ଷ ଉଦ୍ୟୋଗ ପଞ୍ଜୀକୃତ ହୋଇଥିବା ବେଳେ ଏହି କ୍ଷେତ୍ରରେ ପ୍ରାୟ ୬୦ ଲକ୍ଷ ଲୋକ ନିଯୁକ୍ତି ପାଇଛନ୍ତି । ଜାତୀୟ ସ୍ତରରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମୋଟ ଉତ୍ପାଦନର ପ୍ରାୟ ୩୫ ପ୍ରତିଶତ ଓ ରପ୍ତାନିର ପ୍ରାୟ ୪୮.୫ ପ୍ରତିଶତ ଯୋଗଦାନ କରୁଛି । ଏହାର ଗୁରୁତ୍ୱ କେବଳ ଉତ୍ପାଦନ ବୃଦ୍ଧିରେ ସୀମିତ ନୁହେଁ ଏହା ମହିଳା, ଯୁବକଯୁବତୀ, ଗ୍ରାମୀଣ କାରିଗର ଓ ଦୁର୍ବଳ ବର୍ଗର ଲୋକଙ୍କୁ ଆତ୍ମନିର୍ଭର ହେବାର ସୁଯୋଗ ଦେଇଥାଏ ।

ରାଜ୍ୟରେ ଏହି କ୍ଷେତ୍ରର ବିକାଶ ପାଇଁ ବିପୁଳ ସମ୍ଭାବନା ଥିଲେ ମଧ୍ୟ ତାହାର ସମ୍ପୂର୍ଣ୍ଣ ଉପଯୋଗ ହୋଇପାରିନାହିଁ । ଖଣିଜ ସମ୍ପଦଭିତ୍ତିକ ବୃହତ୍ ଶିଳ୍ପ ସହିତ ନିଯୁକ୍ତିଭିତ୍ତିକ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗର ଦ୍ରୁତ ବିକାଶ ହିଁ ରାଜ୍ୟର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିପାରିବ ।

ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ବିସ୍ତୃତ ଜଙ୍ଗଲ, ପ୍ରାୟ ୪୮୦ କିଲୋମିଟର ଉପକୂଳ, ପାରାଦୀପ ଭଳି ପ୍ରମୁଖ ବାଣିଜ୍ୟିକ ବନ୍ଦର ଏବଂ ଦକ୍ଷ ଓ ଅର୍ଦ୍ଧଦକ୍ଷ ଶ୍ରମଶକ୍ତି ରହିଛି । ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି, ଜଳ ଓ ଶକ୍ତି ଯୋଗାଣର ସୁଯୋଗ ମଧ୍ୟ ରହିଛି । ଏସବୁ ସୁବିଧା ସତ୍ତ୍ୱେ ଲଘୁ ଓ ମଧ୍ୟମ ଉତ୍ପାଦନକାରୀ ଶିଳ୍ପର ବିକାଶ ଆଶାନୁରୂପ ହୋଇପାରିନାହିଁ । ରାଜ୍ୟରେ ଖଣିଜ ସମ୍ପଦଭିତ୍ତିକ ବୃହତ୍ ପୁଞ୍ଜିନିବେଶ ହୋଇଥିଲେ ମଧ୍ୟ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷୁଦ୍ର ଶିଳ୍ପର ବ୍ୟାପକ ପ୍ରସାର ହୋଇପାରିନାହିଁ ।

ଏହି ପରିସ୍ଥିତିରେ ଅଟୋମୋବାଇଲ୍, ଇଲେକ୍‌ଟ୍ରୋନିକ୍ସ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଉତ୍ପାଦନ କ୍ଷେତ୍ରରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ନିବେଶକମାନଙ୍କୁ ଆକୃଷ୍ଟ କରିବା ଉଚିତ । ଏହାଦ୍ୱାରା ମୁଖ୍ୟ ଶିଳ୍ପଗୁଡ଼ିକୁ ଆବଶ୍ୟକ ଯନ୍ତ୍ରାଂଶ, କଞ୍ଚାମାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ଅନେକ ଆନୁଷଙ୍ଗିକ କ୍ଷୁଦ୍ର ଉଦ୍ୟୋଗ ଗଢ଼ିଉଠିପାରିବ । ଏହା କେବଳ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବ ନାହିଁ, ବରଂ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ଅଧିକ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି କରିବ ।

ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ଉଦ୍ୟୋଗଗୁଡ଼ିକ ମଧ୍ୟରେ ଅଣୁ ଉଦ୍ୟୋଗର ଅଂଶ ଅଧିକ । କିନ୍ତୁ ଅନେକ ଅଣୁ ଉଦ୍ୟୋଗରେ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟି ସୀମିତ ରହିଥାଏ । ଏକ ବାର୍ଷିକ ସର୍ବେକ୍ଷଣ ଅନୁଯାୟୀ, ଜାତୀୟ ସ୍ତରରେ ଉତ୍ପାଦନକାରୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ଶୀର୍ଷ ସାତଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ନ ଥିବା ଚିନ୍ତାଜନକ । ଏହି ସ୍ଥିତିରେ ଅଣୁ ଉଦ୍ୟୋଗଗୁଡ଼ିକର ସ୍ଥାୟୀତ୍ୱ ଓ ଗୁଣାତ୍ମକ ବିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ ।

୨୦୨୫-୨୬ରେ ଉଦ୍ୟମ ପୋର୍ଟାଲରେ ଓଡ଼ିଶାର ପ୍ରାୟ ୨୫ ଲକ୍ଷ ପଞ୍ଜୀକୃତ ଉଦ୍ୟୋଗ ମଧ୍ୟରୁ ପ୍ରାୟ ୪ ଦଶମିକ ୫ ଲକ୍ଷ ମହିଳାଙ୍କ ମାଲିକାନାରେ ଥିବା ତଥ୍ୟ ଦର୍ଶାଯାଇଛି । ଏହା ମହିଳା ଉଦ୍ୟୋଗୀଙ୍କ ବଢୁଥିବା ଭାଗୀଦାରୀକୁ ସୂଚାଏ । କୃଷିଜାତ ଦ୍ରବ୍ୟ ଓ ଖାଦ୍ୟ ପ୍ରକ୍ରିୟାକରଣ, ସାମୁଦ୍ରିକ ଖାଦ୍ୟ, ବସ୍ତ୍ର ଓ ପୋଷାକ, ପ୍ଲାଷ୍ଟିକ୍, ପର୍ଯ୍ୟଟନ, ପରିବହନ, ମାଲ ପରିଚାଳନା ଓ ସୂଚନା ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବ୍ୟାପକ ସମ୍ଭାବନା ରହିଛି ।

ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ଉତ୍ପାଦନମୂଳକ ବ୍ୟବସାୟ କରିବା ଦରକାର । ବିଶେଷ ଭାବେ ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ, ସିଲେଇ ଓ ପ୍ୟାକେଜିଂରେ ନିୟୋଜିତ ମହିଳା ଗୋଷ୍ଠୀଗୁଡ଼ିକୁ ପ୍ରଶିକ୍ଷଣ, ଋଣ, ଆଧୁନିକ ଯନ୍ତ୍ରପାତି ଓ ବଜାର ସଂଯୋଗ ଯୋଗାଇଦେଲେ ସେମାନେ ସଫଳ ଉଦ୍ୟୋଗରେ ପରିଣତ ହୋଇପାରିବେ । ଏହାଦ୍ୱାରା ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ଗ୍ରାମୀଣ ଶିଳ୍ପାୟନ ମଧ୍ୟ ଅଗ୍ରଗତି କରିପାରିବ ।

ଉଦ୍ୟୋଗଗୁଡ଼ିକର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ନୀତି ଓ ଯୋଜନା ପ୍ରଣୟନ କରିଛନ୍ତି । ୨୦୨୫ ଏପ୍ରିଲ୍ ୧ରୁ ଲାଗୁ ହୋଇଥିବା ସଂଶୋଧିତ ବର୍ଗୀକରଣ ଅନୁଯାୟୀ, ଅଣୁ ଉଦ୍ୟୋଗ ପାଇଁ ଯନ୍ତ୍ରପାତି ଓ ଉପକରଣରେ ନିବେଶ ସୀମା ୨କୋଟି ୫୦ ଲକ୍ଷ ଟଙ୍କା ଏବଂ ବାର୍ଷିକ କାରବାର ସୀମା ୧୦ କୋଟି ଟଙ୍କା । କ୍ଷୁଦ୍ର ଉଦ୍ୟୋଗ ପାଇଁ ଏହି ସୀମା ଯଥାକ୍ରମେ ୨୫ କୋଟି ଓ ୧୦୦ କୋଟି ଟଙ୍କା ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ୧୨୫ କୋଟି ଓ ୫୦୦ କୋଟି ଟଙ୍କା । ଏହି ପରିବର୍ତ୍ତନ ଉଦ୍ୟୋଗଗୁଡ଼ିକୁ ଅଧିକ ପୁଞ୍ଜିନିବେଶ ଓ ବ୍ୟବସାୟ ବିସ୍ତାର ପାଇଁ ସୁଯୋଗ ଦେଇଛି ।

ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି, ୨୦୨୨ ଅନୁଯାୟୀ, ଯୋଗ୍ୟ ମହିଳା ଉଦ୍ୟୋଗୀଙ୍କ ସମେତ ନିର୍ଦ୍ଦିଷ୍ଟ ବର୍ଗର ଉଦ୍ୟୋଗୀଙ୍କୁ ପୁଞ୍ଜିନିବେଶ ଉପରେ ସବ୍‌ସିଡି ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ରେ ନୂତନ ଅଣୁ ଉଦ୍ୟୋଗ ସ୍ଥାପନ ପାଇଁ ଋଣ ସହିତ ସବସିଡି ଯୋଗାଇ ଦିଆଯାଏ । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ମଧ୍ୟ ଯୋଗ୍ୟ କ୍ଷୁଦ୍ର ଉଦ୍ୟୋଗୀମାନେ ବନ୍ଧକବିହୀନ ଋଣ ପାଇପାରନ୍ତି । ଷ୍ଟାର୍ଟଅପ୍ ଓଡ଼ିଶା ଓ ମିଶନ ଶକ୍ତି ଭଳି କାର୍ଯ୍ୟକ୍ରମ ଉଦ୍ୟୋଗୀକରଣ ଓ ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ଆଗେଇ ନେବାରେ ସହାୟକ ହୋଇପାରିବ ।

ଏହି କ୍ଷେତ୍ରର ବିକାଶରେ ବ୍ୟାଙ୍କଗୁଡ଼ିକର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ବିଭିନ୍ନ ସ୍ଥାନରେ ଋଣ ସଚେତନତା ଶିବିର ଆୟୋଜନ କରିବା ସହ ଉଦ୍ୟୋଗୀମାନଙ୍କୁ ଋଣ ଆବେଦନପତ୍ର ଓ ପ୍ରକଳ୍ପ ପ୍ରସ୍ତୁତିରେ ସହଯୋଗ ଓ ପରାମର୍ଶ ଦେଉଛନ୍ତି । ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ନିୟମିତ ଭାବେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଋଣ ପ୍ରଦାନ ସମ୍ପର୍କରେ ସମୀକ୍ଷା କରେ । ଗତ ଆର୍ଥିକ ବର୍ଷରେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବ୍ୟାଙ୍କ ଋଣ ପ୍ରଦାନରେ ୧୭.୨ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ତଥ୍ୟ ସ୍ୱାଗତଯୋଗ୍ୟ । ତେବେ, ଏହି ଋଣ ପ୍ରକୃତ ଉଦ୍ୟୋଗୀଙ୍କ ନିକଟରେ ପହଞ୍ଚିବା ସହ ଉତ୍ପାଦନ ବୃଦ୍ଧିରେ ସହାୟକ ହେବା ଅଧିକ ଜରୁରୀ ।

ପରିଶେଷରେ କହିବାକୁ ଗଲେ, ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଅଣକୁଶଳୀ କାରିଗରଙ୍କ ଦକ୍ଷତା ବିକାଶ, ସହଜ ଋଣ, ଉନ୍ନତ ଭିତ୍ତିଭୂମି ଓ ବଜାର ସଂଯୋଗକୁ ନେଇ ଏକ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ । ସରକାରଙ୍କୁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେବାକୁ ପଡ଼ିବ । ଏହାଦ୍ୱାରା ଅଧିକ ରୋଜଗାର ସୃଷ୍ଟି ହେବ, ମୁଣ୍ଡପିଛା ଆୟ ବୃଦ୍ଧି ପାଇବ, କୁଟୀର ଶିଳ୍ପ ସମୃଦ୍ଧ ହେବ ଏବଂ ଗ୍ରାମୀଣ ଓ ପଛୁଆ ଅଞ୍ଚଳର ଜୀବନ ମାନରେ ଉନ୍ନତି ଆସିବ । ବିଶେଷକରି, ପଛୁଆ ଅଞ୍ଚଳରେ ଲଘୁ ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ସରକାର ଅଧିକ ଗୁରୁତ୍ୱ ଦେଲେ, କର୍ମସଂସ୍ଥାନ ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଶ୍ରମିକଙ୍କ ଯାତ୍ରା ରୋକାଯାଇପାରିବ । ତେଣୁ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ରାଜ୍ୟର ଆର୍ଥିକ ବିକାଶର ଏକ ଶକ୍ତିଶାଳୀ ଇଞ୍ଜିନରେ ପରିଣତ କରିପାରିଲେ, 'ବିକଶିତ ଓଡ଼ିଶା ୨୦୩୬'ର ଲକ୍ଷ୍ୟ ହାସଲ କରିବା ସହ ଅନ୍ୟ ଆଗଧାଡ଼ିର ରାଜ୍ୟଗୁଡ଼ିକ ସହ ସମକକ୍ଷ ହେବା ସମ୍ଭବ ହେବ ।



**ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ବିସ୍ତୃତ ଜଙ୍ଗଲ, ପ୍ରାୟ ୪୮୦ କିଲୋମିଟର ଉପକୂଳ, ପାରାଦୀପ ଭଳି ପ୍ରମୁଖ ବାଣିଜ୍ୟିକ ବନ୍ଦର ଏବଂ ଦକ୍ଷ ଓ ଅର୍ଦ୍ଧଦକ୍ଷ ଶ୍ରମଶକ୍ତି ରହିଛି । ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି, ଜଳ ଓ ଶକ୍ତି ଯୋଗାଣର ସୁଯୋଗ ମଧ୍ୟ ରହିଛି । ଏସବୁ ସୁବିଧା ସତ୍ତ୍ୱେ ଲଘୁ ଓ ମଧ୍ୟମ ଉତ୍ପାଦନକାରୀ ଶିଳ୍ପର ବିକାଶ ଆଶାନୁରୂପ ହୋଇପାରିନାହିଁ । ରାଜ୍ୟରେ ଖଣିଜ ସମ୍ପଦଭିତ୍ତିକ ବୃହତ୍ ପୁଞ୍ଜିନିବେଶ ହୋଇଥିଲେ ମଧ୍ୟ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷୁଦ୍ର ଶିଳ୍ପର ବ୍ୟାପକ ପ୍ରସାର ହୋଇପାରିନାହିଁ ।**

**ଲେଖକ ପୂର୍ବତନ ଉପମହାପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁମ୍ବାଇ ଏବଂ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ଜଣେ ସ୍ତମ୍ଭକାର ।**
**କେ-୫, ଏଚ୍.ଆଇ.ଜି., କଳିଙ୍ଗ ବିହାର, ଭୁବନେଶ୍ୱର**

# ପ୍ରଚଳିତ ଦୁର୍ନୀତି ନିରୋଧକ ଆଇନ କେତେ ଫଳପ୍ରଦ?



ଶେଷଦେବ ନନ୍ଦ

ରାଜ୍ୟରେ ଦୁର୍ନୀତି ତଳଠାରୁ ଉପର ସ୍ତର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବ୍ୟାପି ଗଲାଣି । ଦୁର୍ନୀତି ରୋକିବା ପାଇଁ ସରକାରଙ୍କର ଏକ ବିଭାଗ ମଧ୍ୟ ରହିଛି । ବର୍ତ୍ତମାନ ସୁଦ୍ଧା ଯାହା ଦେଖାଯାଉଛି ଏହି ବିଭାଗ ଦୁର୍ନୀତି ରୋକିବାରେ ସକ୍ଷମ ହୋଇ ପାରିନାହିଁ । ସରକାରୀ ରିପୋର୍ଟ ଅନୁସାରେ ୨୦୨୫ ମସିହା ସୁଦ୍ଧା ୪୭୯ଟି ଦୁର୍ନୀତି କେସ ରୁଜୁ କରାଯାଇଛି । ପ୍ରଥମତଃ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଏବଂ ଦିତୀୟତଃ ଲାଞ୍ଚ ନେବା ବେଳେ ଧରା ପଡ଼ିଥିବା କେସ ଅନ୍ତର୍ଭୁକ୍ତ । ଯେଉଁ କେସଗୁଡିକ ବର୍ତ୍ତମାନ ସୁଦ୍ଧା କରାଯାଇଛି ତାହା ପ୍ରାୟ ସରକାରୀ କର୍ମଚାରୀମାନଙ୍କ ନାମରେ କରାଯାଇଛି । ଲାଞ୍ଚ ନେବାବେଳେ ଧରାପଡିବା ସିଧାସଳଖ ଦୁର୍ନୀତି କରିବାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ସମସ୍ତ କର୍ମଚାରୀ ଯେ ଦୁର୍ନୀତିଗ୍ରସ୍ତ ଏକଥା କହିବା ଭୁଲ, ଦେଶ ଓ ସମାଜ ପାଇଁ ନିଷ୍ଠାପର ଭାବରେ କାମ କରୁଥିବା ଅନେକ ସରକାରୀ କର୍ମଚାରୀଙ୍କର ନଜିର ରହିଛି । ମାତ୍ର କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ବିଭିନ୍ନ ସଚ୍ଚୋଟ ଅଫିସରମାନଙ୍କର ସଚ୍ଚୋଟତା, ନିଷ୍ଠା, କର୍ତ୍ତବ୍ୟପରାୟଣତାରେ ଅସହିଷ୍ଣୁ ହୋଇ ଭିଜିଲାନ୍ସ ବିଭାଗରେ ସେମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ମଧ୍ୟ କରିଥାନ୍ତି । ଅପରପକ୍ଷରେ କେତେକ ଏଜେଣ୍ଟ, ବଡବଡ ଏଜେନ୍ସିର ମାଲିକ, ଟ୍ରାନ୍ସପୋର୍ଟ ଏଜେନ୍ସି ସଚ୍ଚୋଟ ଅଧିକାରୀଙ୍କ ଦ୍ୱାରା ବେନିୟମରେ ସେମାନଙ୍କର ନିଜ କାର୍ଯ୍ୟ ସଂପାଦାନ କରିବାରେ ଅସୁବିଧା ହେଉଥିବାରୁ ସେହି ଅଧିକାରୀମାନଙ୍କୁ ନିଜ ରାସ୍ତାରୁ ହଟାଇ ଦେବା ପାଇଁ ଭିଜିଲାନ୍ସ ବିଭାଗରେ ମିଥ୍ୟା ଅଭିଯୋଗମାନ ମଧ୍ୟ କରିଥାନ୍ତି, କିନ୍ତୁ ଏପରି ମଧ୍ୟ ସରକାରୀ କର୍ମଚାରୀମାନେ ଅଛନ୍ତି ନିଜ ସ୍ୱାର୍ଥ ପାଇଁ ସେମାନେ ରାଜନୈତିକ ବ୍ୟକ୍ତିମାନଙ୍କ ବାହୁଛାୟା ତଳେ ରହି ସବୁ ବେନିୟମ କାର୍ଯ୍ୟ କରି ଆଜି ସୁଦ୍ଧା ସୁନାପୁଅ ଭଳି ଜୀବନକୁ ଅତି ଆଡମ୍ବର ରୂପେ ଉପଭୋଗ କରୁଛନ୍ତି । ସେମାନଙ୍କର ଆୟ ବହିର୍ଭୁତ ସମ୍ପତ୍ତି କେତେ ତାହାର କାହିଁକି ଯାଞ୍ଚ କରାଯାଉ ନାହିଁ ? ଏମିତି ସଂଖ୍ୟା ପ୍ରାୟ ଶତକଡା ୯୫ ଭାଗ କର୍ମଚାରୀ ପ୍ରତ୍ୟକ ବିଭାଗରେ ରହି କାର୍ଯ୍ୟ କରୁଛନ୍ତି । ପିଅନଠାରୁ ଚିଫ୍ ସେକ୍ରେଟେରୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟକ ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତାଙ୍କ ପର୍ଯ୍ୟନ୍ତ କାହାର ଆୟବର୍ହିଭୂତ ସମ୍ପତ୍ତି ନାହିଁ ? ସରକାର ଦୃଢଭାବରେ ଏ କଥା ଅସ୍ୱୀକାର କରିପାରିବେ କି? ଯଦି ଜଣେ ସରକାରୀ କର୍ମଚାରୀ ଲାଞ୍ଚ ନେଉଛନ୍ତି ଏବଂ ନେବାବେଳେ ଧରା ପଡୁଛନ୍ତି ତାହାଲେ ଉକ୍ତ କେସଗୁଡିକ କୋର୍ଟକୁ ପଠାଯାଇ ସେଠାରେ ବିଚାର କରାଯାଉ । ଆୟବର୍ହିଭୂତ ସମ୍ପତ୍ତି ଆଇନ'କୁ ସଂଶୋଧନ କରାଯାଇ ଯେଉଁମାନେ ଆୟବର୍ହିଭୂତ କେସରେ ଛନ୍ଦି ହୋଇଛନ୍ତି ସେମାନଙ୍କ ବରୋଧରେ କୋର୍ଟରେ କେସ କରାନଯାଇ ଏକ କମିଟି ବା ଲୋକାୟୁକ୍ତ ଭିଜିଲାନ୍ସ କମିଶନ ଭଳି ସ୍ୱତନ୍ତ୍ର ଭିଜିଲାନ୍ସ କମିଟି ବସାଇ ଖୁବ ଶୀଘ୍ର ସେମାନଙ୍କ ଠାରୁ କମିଟିର ନିଷ୍ପତ୍ତି ମୁତାବକ ଆନୁପାତିକ ଫାଇନ ମାଧ୍ୟମରେ ଜୋରିମାନା ଆଦାୟ କରାଯାଇ କେସର ଫଏସଲା କରାଯାଉ । ଯାହାଫଳରେ ସରକାରଙ୍କ ରାଜକୋଷକୁ ରାଜସ୍ୱ ଆସିପରିବ, ଏହା ଗଣତାନ୍ତ୍ରିକ ଶାସନରେ ଏକ ମୂଲ୍ୟବାନ ନୂଆ ନିୟମ ବୋଲି ଗଣାଯିବା ।

ବର୍ତ୍ତମାନ ଏପରି କିଛି ନ୍ୟସ୍ତସ୍ୱାର୍ଥ ଲୋକେ ରହିଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ଭିଜିଲାନ୍ସ ବିଭାଗରେ କର୍ମଚାରୀମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରିଥାନ୍ତି । ଭିଜିଲାନ୍ସ ବିଭାଗ ଏହାକୁ ଧରିନେଇ ନିଜ ବିଭାଗର ପାରଦର୍ଶିତା ବୃଦ୍ଧି ବୋଲି ଭାବିନେଇ ସମ୍ପୃକ୍ତ ବ୍ୟକ୍ତିଙ୍କର ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘରେ ଚଢ଼ାଉ କରିଥାନ୍ତି । ଏହାର ସତ୍ୟତା ଥାଉ ବା ନାଥଉ । ଆୟବହିର୍ଭୁତ ସମ୍ପତ୍ତି କଥା ଆଲୋଚନା କଲାବେଳେ କେବଳ ସରକାରୀ କର୍ମଚାରୀ ନୁହନ୍ତି ରାଜନେତା, ଖଣିମାଲିକ, ଟ୍ରାନ୍ସପୋର୍ଟ ଏଜେନ୍ସି ମାଲିକ, କମ୍ପାନୀମାନଙ୍କରେ କାର୍ଯ୍ୟ କରୁଥିବା ଉଚ୍ଚପଦସ୍ଥ କର୍ମଚାରୀ ସମସ୍ତଙ୍କୁ ଏହାର ପରିସର ଭିତରେ ଅଣାଯିବା ଉଚିତ । ବର୍ତ୍ତମାନର ନିୟମ ଅନୁସାରେ ସରକାରୀ କର୍ମଚାରୀ ସେମାନଙ୍କର ସମ୍ପତ୍ତି ତାଲିକା ପ୍ରତିବର୍ଷ ପଇଠ କରିବେ । ମାତ୍ର ରାଜନେତା ଠିକାଦାର ଖଣିମାଲିକ, ଘରୋଇ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ପାଇଁ କାହିଁକି ଏହି ନିୟମ ଲାଗୁ ହେବନାହିଁ ? ସ୍ୱାଭାବିକ ଭାବରେ ସାଧାରଣ ଲୋକଙ୍କ ମଧ୍ୟରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗତ ସରକାର ସମୟରେ ପିସି କାରବାର ବନ୍ଦ ପାଇଁ ଚର୍ଚ୍ଚା ଜୋର ଧରିଥିଲା । ପିସି କାରବାର କ'ଣ ଦୁର୍ନୀତି ନୁହଁକି ? ମାତ୍ର ଏହି ବ୍ୟବସ୍ଥା ଖୋଲାଖୋଲି ଭାବରେ ରାଜନେତାଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କ ଜାଣତରେ ଚାଲୁଅଛି । ବର୍ତ୍ତମାନର ସରକାର ଏହାକୁ ସେତେବେଳେ ବିରୋଧ କରୁଥିଲା ବେଳେ ଆଜି ସରକାରରେ ଥାଇ ମଧ୍ୟ ଏହାକୁ ବନ୍ଦ କରିପାରୁ ନାହାନ୍ତି, ଦୋଷାରୋପ କରିହେବ ଯେ ସରକାର ମଧ୍ୟ ଏପରି ଦୁର୍ନୀତିକୁ ସମର୍ଥନ ଦେଉଛନ୍ତି । ଅନେକ ଅସାଧୁ ସରକାରୀ କର୍ମଚାରୀ ଅଛନ୍ତି, ଯେଉଁମାନେ ରାଜନେତାଙ୍କ ବାହୁଛାୟା ତଳେ ରହି ସମସ୍ତ ପ୍ରକାର ବେନିୟମ କାର୍ଯ୍ୟ କଲେ ମଧ୍ୟ ଭିଜିଲାନ୍ସ ବିଭାଗ ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ରାଜ୍ୟରେ ଚିଟଫଣ୍ଡ ଦୁର୍ନୀତିରେ କୋଟି କୋଟି ଟଙ୍କା ସାଧାରଣ ଲୋକଙ୍କଠାରୁ ଲୁଟ ହୋଇଗଲା । ତଦନ୍ତ କମିଶନ ବସିଲା, ହେଲେ ଲୋକ ପାଇଲେ କ'ଣ ? ଏପର୍ଯ୍ୟନ୍ତ ସେମାନଙ୍କର ପ୍ରାପ୍ୟ ଫେରସ୍ତ ହୋଇପାରିଲା ନହିଁ ।

ପ୍ରଚଳିତ ଦୁର୍ନୀତି ନିରୋଧକ ଆଇନର ପରିବର୍ତ୍ତନ ଆବଶ୍ୟକ । ଦୁର୍ନୀତି କେସଗୁଡିକ ରୁଜୁ ହେଲେ ଏହା ବିଚାର ହୋଇ ରାୟ ପ୍ରକାଶ ପାଇଁ ବର୍ଷ ବର୍ଷ ଧରି ଲାଗିଯାଉଛି । ଉକ୍ତ ଆଇନର ସଂଶୋଧନ ନିତ୍ୟାନ୍ତ ଆବଶ୍ୟକ। କଥାରେ ଅଛି ଶହେ ଦୋଷୀ ପଛେ ଖସିଯାଆନ୍ତୁମାତ୍ର ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ । ଆଇନକୁ ସେହିପରି ପରିବର୍ତ୍ତନ କରାଗଲେ ଦୁର୍ନୀତିକୁ ରୋକିବାରେ ଆମେ ସକ୍ଷମ ହୋଇପାରିବା । ପୃଥିବୀରେ ବହୁ ବିକଶିତ ରାଷ୍ଟ୍ରରେ ଦୁର୍ନୀତି ଶବ୍ଦଟି ସେମାନଙ୍କର ନାଗରିକମାନଙ୍କୁ ସ୍ୱପ୍ନ ପରି ଲାଗେ । ପୃଥିବୀରେ ଅନେକ ଦେଶ ଅଛି ସେମାନଙ୍କ ଦେଶରେ ଆୟକରର ବ୍ୟବସ୍ଥା ନାହିଁ । ସେହି ଦେଶର ବିକାଶ ପାଇଁ ସେମାନଙ୍କର ଭିତ୍ତିଭୂମିରୁ ଅର୍ଥ ଅଦାୟ କରାଯାଇଥାଏ । ଆମ ଦେଶରେ ଦୁର୍ନୀତି ଅସ୍ଥିମଜାଗତ ହୋଇଗଲାଣି । ବର୍ତ୍ତମାନର ପ୍ରଚଳିତ ଦୁର୍ନୀତି ନିରୋଧକ ଆଇନ ଏହାକୁ ରୋକିବାରେ ସକ୍ଷମ ହେଉନାହିଁ । ଏହି ଆଇନର ପରିବର୍ତ୍ତନ ନିତାନ୍ତ ଆବଶ୍ୟକ ।



**ଭୁବନେଶ୍ୱର**
**ମୋ: ୯୯୩୭୦୦୮୪୦୬**

### କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ

## ଜିନ୍ଦଲ ଷ୍ଟିଲ୍‌କୁ ୱାର୍ଲ୍ଡଷ୍ଟିଲ୍ ର ସମ୍ମାନଜନକ 'ଷ୍ଟିଲି ଆୱାର୍ଡ'

ଭୁବନେଶ୍ୱର (ସବ୍ୟୁ): କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍। କମ୍ପାନୀର ସୁରକ୍ଷା କାର୍ଯ୍ୟକ୍ରମ 'ଦକ୍ଷତା ଇଞ୍ଜିନିୟରିଂ ସେଫ୍ଟି' ପାଇଁ ୱାର୍ଲ୍ଡ ଷ୍ଟିଲ୍ ଆସୋସିଏସନ୍ (ୱାର୍ଲ୍ଡଷ୍ଟିଲ୍) ପକ୍ଷରୁ ସମ୍ମାନଜନକ ୨୦୨୬ ଷ୍ଟିଲି ଆୱାର୍ଡ ଫର୍ ଏକ୍ସିଲେନ୍ସ ଇନ୍ ପିପୁଲ୍ ପ୍ରଦାନ କରାଯାଇଛି। ୧୨ ଅକ୍ଟୋବର ୨୦୨୬ରେ ନୂଆଦିଲ୍ଲୀଠାରେ ଆୟୋଜିତ ୧୭ତମ ଷ୍ଟିଲି ଆୱାର୍ଡ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଚୀନ ବାଓଷ୍ଟୁ, ଇନ୍‌ଫ୍ରାବିଲ୍ଡ, ଟାଟା ଷ୍ଟିଲ୍ ଏବଂ ୟୁସିମିନାସ୍ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ପଛରେ ପକାଇ ଜିନ୍ଦଲ ଷ୍ଟିଲ୍ ବିଜେତା ହୋଇଥିଲା। ଏକ ସ୍ୱତନ୍ତ୍ର ନିରପେକ୍ଷ ବିଶେଷଜ୍ଞ କମିଟି ଦ୍ୱାରା ଏହି ପୁରସ୍କାର ବିଜେତାଙ୍କୁ ଚୟନ କରାଯାଇଥିଲା। 'ଦକ୍ଷତା' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ କର୍ମଚାରୀଙ୍କୁ ନିର୍ଦ୍ଧାରିତ ଦାୟିତ୍ୱ ଏବଂ କାର୍ଯ୍ୟର ପ୍ରକୃତି ଅନୁଯାୟୀ ସେମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ଦକ୍ଷ କରିବା। ଏହି କାର୍ଯ୍ୟକ୍ରମରେ କେବଳ ପ୍ରଶିକ୍ଷଣରେ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଏ ନାହିଁ; ବରଂ ସୁରକ୍ଷା ସମ୍ପର୍କିତ ଜ୍ଞାନ, ବ୍ୟବହାରିକ ଦକ୍ଷତା, ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ସୁରକ୍ଷିତ କାର୍ଯ୍ୟଶୈଳୀର ମଧ୍ୟ ମୂଲ୍ୟାଙ୍କନ କରାଯାଏ। ଏହି କାର୍ଯ୍ୟକ୍ରମ ଅଧୀନରେ ଜିନ୍ଦଲ ଷ୍ଟିଲ୍‌ର ୬ଟି କାର୍ଯ୍ୟସ୍ଥଳରେ ୨୭,୧୦୦ରୁ ଅଧିକ ଅଧିକାରୀ ଓ କର୍ମଚାରୀଙ୍କୁ ସାମିଲ କରାଯାଇଛି। କମ୍ପାନୀ ପକ୍ଷରୁ ୧୬,୫୩୯ ଜଣ ନୂତନ କର୍ମଚାରୀଙ୍କ ସୁରକ୍ଷା ଦକ୍ଷତାର ମୂଲ୍ୟାଙ୍କନ କରାଯାଇଥିବାବେଳେ ୬୯ ଜଣ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକଙ୍କ ମାଧ୍ୟମରେ ୩୭୨ଟି ସୁରକ୍ଷା ଓ ଏଚ୍‌ଏସ୍‌ଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସମ୍ମାନ ଜିନ୍ଦଲ ଷ୍ଟିଲ୍‌ର ନିରନ୍ତର ପ୍ରୟାସ ଓ ପ୍ରତିବଦ୍ଧତାର ସ୍ୱୀକୃତି, ଯାହା ମାଧ୍ୟମରେ କମ୍ପାନୀ ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ଅଧିକ ସୁରକ୍ଷିତ, ଦକ୍ଷତାପୂର୍ଣ୍ଣ ଏବଂ ଉନ୍ନତ କାର୍ଯ୍ୟପରିବେଶ ଗଠନ କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛି।




## ଆସୁଛି ଦୁର୍ଗାପୂଜା, ୫୩ ନଂ ୱାର୍ଡରେ ଚାଲିଛି ସ୍ୱଚ୍ଛତା କାର୍ଯ୍ୟ

କଟକ, (ସ୍ୱପ୍ର): କଟକର ପ୍ରସିଦ୍ଧ ଦୁର୍ଗାପୂଜା ପାଇଁ ସଜେଇ ହେଲାଣି ସହର । ଏନେଇ କଟକ ମହାନଗର ନିଗମ (କେଏମସି) ପକ୍ଷରୁ ସମସ୍ତ ୱାର୍ଡର ରାସ୍ତାଘାଟ ଠାରୁ ଆରମ୍ଭ କରି ପରିମଳ ଓ ଆଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ପୂଜାକୁ ସରସ ସୁନ୍ଦର କରିବା ସହିତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ୱାର୍ଡ କର୍ପୋରେଟର ମାନେ ଅଣ୍ଟା ଭିଡିଥିବା ବେଳେ ଏଥିରୁ ବାଦ ପଡିନି ୫୩ନଂ ୱାର୍ଡ । କର୍ପୋରେଟର ଅରବିନ୍ଦ ଜେନା ୱାର୍ଡର ବିଭିନ୍ନ ସ୍ଥାନରେ ଖାଲଖମାଥିବା ରାସ୍ତାକୁ ମରାମତି, ସଫେଇ ସହିତ ଆଲୋକିକରଣ କାର୍ଯ୍ୟକୁ ତଦାରକ କରୁଛନ୍ତି । ୱାର୍ଡର ଦରଖାପାଟଣା, ମହାବୀରଲେନ, ଅନ୍ଧରପୁର, ଶ୍ରୀମା' ଲେନ, ଦୁଲ୍ଲାଦେଇରୋଡ, କଲ୍ୟାଣୀନଗର, ନିଉ କଲୋନୀ, ପୁଷ୍ପି ବଗିଚା, ନଡିଆବାରି ଆଦି ଅଞ୍ଚଳରେ ପେଭରବ୍ଲକ ଓ ଢ଼ଳେଇ ରାସ୍ତା କାମର ମରାମତି ସହ ଆଲୋକିକରଣର କାର୍ଯ୍ୟକୁ ଆଗକୁ ବଢାଇ ଚାଲିଛନ୍ତି ।

### ଜବରଦଖଲରେ ହାଟରେ ଦୋକାନ ତିଆରି

## ଅଭିଯୋଗ କଲେ ମଧ୍ୟ ଚୁପ୍ ବସିଛି ବିଏମ୍‌ସି

ଭୁବନେଶ୍ୱର(ସବ୍ୟୁ): ରାଜଧାନୀ ହାଟ ଭିତରେ ଖାଲି ଥିବା ଜମି ଉପରେ ଜୋର ଜବରଦସ୍ତ ଦୋକାନ ଘର କରି ମୋଟା ଅଙ୍କରେ ବିକ୍ରିକରୁଛନ୍ତି ଅସାଧୁ । ରାଜଧାନୀ ହାଟ ବ୍ୟବସାୟୀମାନେ ବିଏମ୍‌ସି ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଚୁପ୍ ବସିଛନ୍ତି କର୍ତ୍ତୃପକ୍ଷ । ଏହାର ସୁଯୋଗ ନେଇ ଅସାଧୁମାନେ ଗୋଟିଏ ପରେ ଗୋଟିଏ ଜାଗାକୁ ମାଡିବସି ଦୋକାନ ଗୃହ ନିର୍ମାଣ କରୁଛନ୍ତି । ରାମଚନ୍ଦ୍ର ସାହୁ ଏ ନେଇ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଯେ ହାଟର ସଭାପତି କବିରାଜ ସ୍ୱାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଦୋକାନ ବିକ୍ରି କରୁଛନ୍ତି । ହାଟରେ ଥିବା ଗଣେଶ ମଣ୍ଡପ ପାଖ ଜାଗାଗୁଡିକରେ ଏବେ ଦୋକାନ ଘର ତିଆରି ଚାଲିଛି । ମହାନଗର ନିଗମ ହାଟ ଅଫିସ ସାମ୍ନାରେ ଥିବା ଘାଲି ଜାଗାରେ ଦୋକାନ ଘର ତିଆରି କରି ୧୨ ଜଣଙ୍କୁ ୬୦ ଲକ୍ଷ ଟଙ୍କାରେ ବିକ୍ରି କରିଛନ୍ତି । ଏବେ ହାଟ ଭିତର ରାସ୍ତା ମଝିରେ ଦୁଇଟି ଦୋକାନ ତିଆରି କରି ବିକ୍ରି ହୋଇଛି । ଏହାର ଅନୁସନ୍ଧାନ କରି ରାସ୍ତା ମଝିରୁ ବେଆଇନ୍ ଦୋକାନକୁ ଜବରଦଖଲମୁକ୍ତ କରିବାକୁ ବିଏମସି କମିଶନରଙ୍କୁ ଭୁବନେଶ୍ୱର ଡଟ୍ ମି ଅନ୍‌ଲାଇନ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି ଶ୍ରୀ ସାହୁ ।



## କେଡିଏ ଗ୍ୟାସ୍ ପାଇପ ଅଗ୍ନିକାଣ୍ଡ : ଜିଲ୍ଲାପାଳଙ୍କୁ ଓଜେସିର ଦାବିପତ୍ର

କଟକ, (ସ୍ୱପ୍ର): କେଡିଏ ସେକଟର-୧୦ ଅଞ୍ଚଳରେ ଭୂତଳ ଗ୍ୟାସ ପାଇପ ଲିକ୍ ହୋଇ ଭୟାବହ ଅଗ୍ନିକାଣ୍ଡ ଘଟି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆତଙ୍କ ପ୍ରକାଶ ପାଇଛି । ଏହି ଘଟଣାରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଓ ନିମ୍ନମାନର କାର୍ଯ୍ୟକୁ ଦାୟୀ କରି ଓଡ଼ିଶା ଜନତା କଂଗ୍ରେସ ପାର୍ଟି, କଟକ ସହର ସଭାପତି ଶ୍ରୀମତୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସହରରେ ଡୁପ୍ଲିକେଟ ପାଇପ ବ୍ୟବହାର ହେଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ଶ୍ରୀମତୀ ବେହେରା ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ଗେଲ୍‌ଇଣ୍ଡିଆ କଟକ ସହରସାହି ଭିତର ଘରକୁ ଘର ଗ୍ୟାସ ପାଇପ ସଂଯୋଗ ଦେବାକୁ ଥିବାବେଳେ ଏପରି ବେପରୁଆ କାର୍ଯ୍ୟ ଚାଲିଲେ ପରିସ୍ଥିତି ଅତି ଶୋଚନୀୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି । ତେଣୁ ଘଟଣାର ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡବିଧାନ କରିବା, ଅଗ୍ନିକାଣ୍ଡରେ ଗୁରୁତର ଆହତ ହୋଇଥିବା ଜଳଖିଆ ଦୋକାନୀଙ୍କୁ ଆର୍ଥିକ ସହାୟତା ସହ ତାଙ୍କ ପରିବାରର ଜଣଙ୍କୁ ଚାକିରି ପ୍ରଦାନ କରିବା ଏବଂ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି । ଦାବିପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ବେହେରା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓଜେସି ମହିଳା ସଭାନେତ୍ରୀ ଶୈଳବାଳା ଜେନା, ବରିଷ୍ଠ ଓଜେସି ନେତା କେଦାର ପୃଷ୍ଟି ଓ ଅନିତା ନାୟକ, ବ୍ଲକ ସଭାପତି ରାକେଶ ମହାରଣା, ସୁରଜିତ ସାହ, ପୂର୍ବତନ କର୍ପୋରେଟର କାଞ୍ଚନ ଦାସ, ଚନ୍ଦନ ଦାସ, ହିମାଂଶୁ ଶେଖର ସାହୁ, ଦିଲ୍ଲୀପ ମହାନ୍ତ, ଦୀପକ ରାଉତ, ସ୍ୱାଗତିକା ମହାପାତ୍ର, ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ଖାରବେଳ ନଗର ବରିଷ୍ଠ ନାଗରିକ ସଂଘର ସେବା କାର୍ଯ୍ୟ




ଭୁବନେଶ୍ୱର, (ସବ୍ୟୁ): ଖାରବେଲ ନଗର ବରିଷ୍ଠ ନାଗରିକ କଲ୍ୟାଣ ସଂଘ ତରଫରୁ ଗତ ୧୪ ତାରିଖ ବୁଧବାର ଅପରାହ୍ନ ରେ ସତ୍ୟନଗର ମଦର ଟେରେସା ମିଶନାରୀ ଅଫ ଚାରିଟି ରେ ଶୁଖିଲା ଖାଦ୍ୟ, ବିସ୍କୁଟ,କେକ,ଚୁଡ଼ା, ମିକ୍ସଚର ଆଦି, ମାନସିକ ଅନଗ୍ରସର ଅନ୍ତେବାସିନୀ ମାନଙ୍କ ମଧ୍ୟ ରେ ବଣ୍ଟନ କରା ଯାଇ ଥିଲା । ଏହି କାର୍ଯ୍ୟରେ ସଂଘର ସଦସ୍ୟ ମାନଙ୍କୁ ସିଷ୍ଟର ଏବଂ ସହାୟିକା ମାନେ ସାହାଯ୍ୟ କରି ଥିଲେ । ସଂଘର ସଚିବ ଡକ୍ଟର ମନୋଜ କୁମାର ମହାନ୍ତି ଏହି କାର୍ଯ୍ୟ ର ପରିଚାଳନା କରି ଥିଲେ ।

### ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା

## ୨୦ ହଜାର ମହିଳା ପରାମର୍ଶଦାତାଙ୍କୁ ନିଯୁକ୍ତ କରିବ

ଭୁବନେଶ୍ୱର, (ସବ୍ୟୁ): ନବରାତ୍ରି ଅବସରରେ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ପକ୍ଷରୁ କମ୍ପାନୀର ନାରୀଶକ୍ତି ଅଭିଯାନ ଅଧିନରେ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତବ୍ୟାପୀ ୨୦,୦୦୦ ମହିଳା ପରାମର୍ଶଦାତାଙ୍କୁ ନିଯୁକ୍ତ କରିବା ପାଇଁ ଘୋଷଣା କରାଯାଇଛି। ସେପ୍ଟେମ୍ବର ୩୦ ତାରିଖ, ୨୦୨୬ ସୁଦ୍ଧା କମ୍ପାନୀର ଏଜେନ୍ସି ବ୍ୟବସାୟର ୪୫% ଏହାର ୭୮୦୦୦ରୁ ଅଧିକ ମହିଳା ପରାମର୍ଶଦାତାଙ୍କଠାରୁ ଆସିଛି। କମ୍ପାନୀର 'ନାରୀଶକ୍ତି' ଅଭିଯାନର ୨ୟ ବାର୍ଷିକୀ ଅବସରରେ ଏହି ଘୋଷଣା କରାଯାଇଛି। ଏସମ୍ପର୍କରେ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ଅମିଶ ବଙ୍କର କହିଛନ୍ତି, "ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସରେ ଆମେ ଦୃଢ ଭାବେ ବିଶ୍ୱାସ କରୁ ଯେ, 'ପ୍ରତିଭାଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ଭେଦଭାବ ନଥାଏ'। ଆମେ ଆମର ପୁରୁଷ ବୀମା ପରାମର୍ଶଦାତାଙ୍କର ପ୍ରଦର୍ଶନ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ କରୁଥିବା ବେଳେ ଏହା ମଧ୍ୟ ଦେଖିଛୁ ଯେ, ଆମର ମହିଳା ପରାମର୍ଶଦାତାମାନେ ଆମର ଗ୍ରାହକଙ୍କ ଆବଶ୍ୟକତା ଓ ଭାବନାକୁ ଭଲ ଭାବରେ ବୁଝିବା ପାଇଁ କୌଣସି ପ୍ରୟାସ ଛାଡୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ଭାବେ ଆମର ମୋଟ ପରାମର୍ଶଦାତାଙ୍କ ସଂଖ୍ୟାରେ ପ୍ରାୟ ୩୨% ମହିଳା ପରାମର୍ଶଦାତା ଅଟନ୍ତି ଏବଂ ସେମାନେ ସେପ୍ଟେମ୍ବର ୩୦ ତାରିଖ, ୨୦୨୬ ସୁଦ୍ଧା ଆମର ଏଜେନ୍ସି ବ୍ୟବସାୟରେ ପ୍ରାୟ ୪% ଯୋଗଦାନ ଦେଇଛନ୍ତି। ସେହିପରି ଆମର ମହିଳା ପରାମର୍ଶଦାତାମାନେ ଜୀବନର ବିଭିନ୍ନ ପର୍ଯ୍ୟାୟରୁ ଆସିଛନ୍ତି। ସେମାନେ ଗୃହିଣୀ, ବେତନଭୋଗୀ କର୍ମଚାରୀ ଓ ବ୍ୟବସାୟୀ ଅଟନ୍ତି ଯେଉଁମାନଙ୍କର ଜଣେ ମ୍ୟାନେଜର ବା ସମ୍ପାଦକ ଭଳି ମଲ୍ଟିଟାସ୍କ କରିବା, ଜଣେ ପରାମର୍ଶଦାତାଙ୍କ ଭଳି ସମସ୍ୟାର ସମାଧାନ କରିବା ଏବଂ ଜଣେ ବ୍ୟାଙ୍କରଙ୍କ ଭଳି ଅର୍ଥ ପରିଚାଳନା ପାଇଁ ଏକ ଅନ୍ତର୍ନିହିତ ଶକ୍ତି ରହିଛି।

## ଲୋକକଳା ଓ ସାଂସ୍କୃତିକ ବିବିଧତାର ମହୋତ୍ସବ 'ଉନ୍ନୁରୁମ୍-୨୦୨୬' ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଲୋକପରମ୍ପରା, ଆଦିବାସୀ ଐତିହ୍ୟ, ସାହିତ୍ୟ ଓ ପରିବେଷଣ କଳାର ଅପୂର୍ବ ସମାଗମ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଅନ୍ତର୍ଜାତୀୟ ସାଂସ୍କୃତିକ ଉତ୍ସବ 'ଉନ୍ନୁରୁମ୍-୨୦୨୬' ଉଦ୍‌ଘାଟିତ ହୋଇଛି। ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ଚାରିଟି ଦେଶ ଓ ଭାରତର ସାତଟି ରାଜ୍ୟର ବିଶିଷ୍ଟ କଳାକାର, ସାହିତ୍ୟିକ ଓ ସାଂସ୍କୃତିକ ପରିବେଷଣକାରୀ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଲେଖିକା ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଡ଼କ୍ଟର ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ନିଜ ଅଭିଭାଷଣରେ କହିଥିଲେ ଯେ, ବିଶ୍ୱବିଦ୍ୟାଳୟ କେବଳ ଶିକ୍ଷାଦାନରେ ସୀମିତ ନ ରହି ଆମର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଓ ଯୁବପିଢ଼ିଙ୍କ ସୃଜନଶୀଳତାର ବିକାଶ ପାଇଁ ମଧ୍ୟ ଆଗେଇ ଆସିବା ଆବଶ୍ୟକ। ମୁଖ୍ୟ ଅତିଥି ଡ଼କ୍ଟର ଦମୟନ୍ତୀ ବେଶ୍ରା ନିଜ ଅଭିଭାଷଣରେ ଆଦିବାସୀ ଭାଷା, ମୌଖିକ ପରମ୍ପରା ଓ ପାରମ୍ପରିକ ଜ୍ଞାନର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟ ଅତିଥିମାନେ ନିଜ ଅଭିଭାଷଣରେ ସାଂସ୍କୃତିକ ଆଦାନପ୍ରଦାନ ସାମାଜିକ ସଦ୍‌ଭାବ, ପାରସ୍ପରିକ ସମ୍ମାନ ଓ କଳାତ୍ମକ ସହଯୋଗକୁ ସୁଦୃଢ଼ କରେ ବୋଲି ମତ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କ ଆବାହକତ୍ୱରେ ଏହି ଉତ୍ସବ ଆୟୋଜିତ ହେଉଛି। ଉତ୍ସବର ପ୍ରଥମ ଦିନରେ ହସ୍ତଶିଳ୍ପ ମେଳା, ପୁସ୍ତକ ମେଳା ଓ କର୍ମଶାଳା ଆୟୋଜିତ ହୋଇଥିବାବେଳେ 'ଲୋକସଙ୍ଗୀତ ଅଧ୍ୟୟନ ଓ ଏହାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ସହ ବିଭିନ୍ନ ଅଞ୍ଚଳର କଳାକାରମାନଙ୍କ ପରିବେଷଣ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାର ସାଂସ୍କୃତିକ ଆସରରେ ରାଭା ନୃତ୍ୟ, ମିସିଂ ବିହୁ, ଶ୍ରୀଲଙ୍କାର ଶାସ୍ତ୍ରୀୟ ଓ ଲୋକନୃତ୍ୟ, ଅଭିନୟଭିତ୍ତିକ ମୂକାଭିନୟ ଏବଂ ଝୁମର ନୃତ୍ୟ ପରିବେଷଣ କରାଯାଇଛି। ଲୋକସଂସ୍କୃତି ଓ ଆଦିବାସୀ ପରମ୍ପରାର ସଂରକ୍ଷଣ, ସାହିତ୍ୟ ଓ କଳାର ପ୍ରସାର ଏବଂ ବିଶ୍ୱସ୍ତରୀୟ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ 'ଉନ୍ନୁରୁମ୍-୨୦୨୬' ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏକ ଉଲ୍ଲେଖନୀୟ ପ୍ରୟାସ।



## ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଚଳିତ ମାସ ୨୯ ତାରିଖରେ ପାଳିତ ହେବାକୁ ଥିବା ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସକୁ ଶୃଙ୍ଖଳିତ ଓ ସଚେତନଧର୍ମୀ ଭାବେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ)ଶରତ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସମସ୍ତଙ୍କୁ ସଚେତନ କରିବା ଲକ୍ଷ୍ୟରେ ପାଳନ ପାଇଁ ପରାମର୍ଶ ଦେଇ ଥିଲେ ।ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ଯେ ୨୯ ତାରିଖ ପୂର୍ବାହ୍ନ ୭ ୩୦ ମିନିଟରେ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଗାନ୍ଧୀ ଘାଟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସାଇକେଲ ମାଧ୍ୟମରେ ଅନୁଷ୍ଠିତ ହେବ ଓ ବ୍ଲୁ ଫ୍ଲାଗ ବିଚ ଠାରୁ ଗାନ୍ଧୀ ଘାଟ ପର୍ଯ୍ୟନ୍ତ ମିନି ମାରାଥନ ଅନୁଷ୍ଠିତ ହେବ ।ପରେ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ବିପର୍ଯ୍ୟୟ ର ମୁକାବିଲା ପାଇଁ ବିବିଧ କୌଶଳ ଓ ଉପାୟ ସର୍କିଟ ହାଉସ ଠାରେ ପ୍ରଦର୍ଶନ କରାଯିବା ସହ ପ୍ରଶିକ୍ଷଣ ମଧ୍ୟ ଦିଆଯିବ ।ପରେ ଏକ ସଚେତନତା ସଭା ସଦଭାବନା ସଭା ଗୃହ ରେ ଅନୁଷ୍ଠିତ ହେବ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ ଶିକ୍ଷା ବିଭାଗ ପକ୍ଷରୁ କରାଯାଇ କୃତି ପ୍ରତିଯୋଗୀଙ୍କୁ ସଭା ରେ ପୁରସ୍କୃତ କରାଯିବ ।ଏ ସମସ୍ତ କାର୍ଯ୍ୟ ରେ ଜିଲ୍ଲାର ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟ,ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ,ଅଗ୍ନି ଶମ ସେବା କାର୍ଯ୍ୟାଳୟ ,ପୁରୀ ମହାନଗର ନିଗମ, ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ, ଆରକ୍ଷୀ କାର୍ଯ୍ୟାଳୟ , ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପ୍ରମୁଖ ସକ୍ରିୟ ସହଯୋଗ ଦେବେ ।ବୈଠକରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ,ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ର ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ ।

### ମାହାଙ୍ଗା ଡବଲ ମର୍ଡର ମାମଲା

## ସୁପ୍ରିମକୋର୍ଟରୁ କ୍ଲିନଚିଟ୍ ପରେ ମାହାଙ୍ଗାବାସୀଙ୍କୁ କୃତଜ୍ଞତା ଜଣାଇଲେ ପ୍ରତାପ ଜେନା

ଭୁବନେଶ୍ୱର, (ସବ୍ୟୁ): ମାହାଙ୍ଗା ଡବଲ ମର୍ଡର ମାମଲାରେ ସୁପ୍ରିମକୋର୍ଟରୁ କ୍ଲିନଚିଟ୍ ପରେ ବିଜୁ ଜନତା ଦଳର ଉପସଭାପତି ପ୍ରତାପ ଜେନା ପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କର ଶୁଭେଚ୍ଛୁ ଏବଂ ମାହାଙ୍ଗାବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କୁ ବଦନାମ କରିବା ପାଇଁ ହୋଇଥିବା ସବୁ ଷଡ଼ଯନ୍ତ୍ର ଶେଷରେ ବିଫଳ ହୋଇଛି ଏବଂ ସତ୍ୟର ଜୟ ହୋଇଛି । ଶ୍ରୀ ପ୍ରତାପ ଜେନା କହିଥିଲେ ଯେ, ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗଗୁଡ଼ିକ ଭିତ୍ତିହୀନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ଏହି ଘଟଣାରେ ତାଙ୍କର ଆଦୌ କୌଣସି ସମ୍ପୃକ୍ତି ନଥିଲା । ବିରୋଧୀ ବିଜେପି ଓ କଂଗ୍ରେସର ନେତାମାନେ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ । ଏହା ପୂର୍ବରୁ ମାନ୍ୟବର ହାଇକୋର୍ଟ ମଧ୍ୟ ଏହି ମାମଲାରେ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଏହି ମାମଲାରେ ଜାଣିଶୁଣି ଫସାଇବା ଉଦ୍ଦେଶ୍ୟରେ ମୋ ନାମ ଯୋଡ଼ାଯାଇଥିଲା । ନ୍ୟାୟିକ ପ୍ରକ୍ରିୟା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଥିଲା । ଶେଷରେ ସତ୍ୟ ସାମ୍ନାକୁ ଆସିଛି ଏବଂ ମୋ ବିରୋଧରେ ହୋଇଥିବା ଅଭିଯୋଗ ଗୁଡ଼ିକୁ ନ୍ୟାୟିକ ପ୍ରକ୍ରିୟା ଓ ଅଦାଲତଙ୍କ ଆଦେଶ ଆଧାରରେ ବିଚାର କରାଯାଇଛି । ରାଜନୈତିକ ଷଡ଼ଯନ୍ତ୍ର ଦ୍ୱାରା ସତ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାପି ରଖିହେବ ନାହିଁ । ଶ୍ରୀ ଜେନା ଆହୁରି କହିଥିଲେ ଯେ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଏବଂ ମାହାଙ୍ଗାବାସୀଙ୍କ ଆଶୀର୍ବାଦ, ଭଲପାଇବା ଓ ସମର୍ଥନ ଯୋଗୁଁ ସତ୍ୟର ଜୟ ହୋଇଛି । ଏହି କଠିନ ସମୟରେ ଯେଉଁମାନେ ମୋ ସହିତ ଦୃଢ଼ ଭାବେ ଠିଆ ହୋଇଥିଲେ, ସମସ୍ତଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଛି । ମୋ ପ୍ରତି ଥିବା ବିଶ୍ୱାସ ଓ ସମର୍ଥନ ମୋତେ ଶକ୍ତି ଏବଂ ଆତ୍ମବିଶ୍ୱାସ ଦେଇଛି ।

## ୟୁକୋ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସରେ ୭୮୬ କୋଟି ଟଙ୍କାର ନେଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା, ଦ୍ୱିତୀୟ ତ୍ରୈମାସରେ ଶତକଡା ୨୬.୭୭ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୭୮୬ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୬୨୦କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ରିଟେଲ୍, କୃଷି ଓ ଏମ୍‌ଏସ୍‌ଏମ୍‌ଇରେ ଶତକଡା ୨୬.୯୨ ପ୍ରତିଶତ ବୃଦ୍ଧି ଘଟି ୧,୬୮,୭୩୬ କୋଟିରେ ପହଞ୍ଚିଛି। ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୮.୮୧ ପ୍ରତିଶତ ବୃଦ୍ଧି ଘଟି ୬,୩୭,୨୮୦ କୋଟିରେ ପହଞ୍ଚିଛି ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୧୩.୯୬ ପ୍ରତିଶତ ବୃଦ୍ଧି ଘଟି ୨୮୮୬କୋଟିରେ ପହଞ୍ଚିଛି। ଦ୍ୱିତୀୟ ତ୍ରୈମାସିକ ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୩ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୮.୮୫ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୮.୩୬ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୧୬.୦୪ ପ୍ରତିଶତ ଅଭିବୃଦ୍ଧି ହାରରେ ୧,୮୭୨କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୬୦ ବିପିଏସ୍ ହ୍ରାସ ପାଇ ଶତକଡା ୧.୯୬ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୫ ବିପିଏସ୍ ହ୍ରାସ ପାଇଛି ଯାହା ଶତକଡା ୦.୧୮ ପ୍ରତିଶତ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୪୩୯ଟି ଘରୋଇ ଶାଖା ରହିଥିବା ବେଳେ ହଂକଂ, ସିଙ୍ଗାପୁର ଏବଂ ଇବୁ ଗିଫ୍ଟ ସିଟିରେ ୩ଟି ଆନ୍ତର୍ଜାତୀୟ ଶାଖା ରହିଛି।




### ଡୁସେଲଡର୍ଫରେ 'ଆଲୁମିନିୟମ୍ ୨୦୨୬'ରେ

## ବିଶ୍ୱସ୍ତରୀୟ ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଜର୍ମାନୀର ଡୁସେଲଡର୍ଫଠାରେ ଆୟୋଜିତ ଆଲୁମିନିୟମ୍ ଶିଳ୍ପର ଅନ୍ୟତମ ପ୍ରମୁଖ ଆନ୍ତର୍ଜାତିକ ପ୍ରଦର୍ଶନୀ ଓ ସମ୍ମିଳନୀ 'ଆଲୁମିନିୟମ୍ ୨୦୨୬'ରେ ଅଂଶଗ୍ରହଣ କରିଛି। ଏହି ଅବସରରେ କମ୍ପାନୀ ବିଶ୍ୱସ୍ତରୀୟ ଗ୍ରାହକ, ଶିଳ୍ପ ସହଭାଗୀ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ସହଯୋଗୀମାନଙ୍କ ସହ ଆଲୋଚନା କରିବା ସହ ବଜାରର ପରିବର୍ତ୍ତିତ ଆବଶ୍ୟକତା ବୁଝିବା, ନୂତନ ବ୍ୟବସାୟିକ ସୁଯୋଗ ଅନ୍ୱେଷଣ ଏବଂ ଆନ୍ତର୍ଜାତିକ ସହଭାଗିତାକୁ ସୁଦୃଢ଼ କରିବାର ସୁଯୋଗ ପାଇଛି। ଏହି ପଦକ୍ଷେପ ମାଧ୍ୟମରେ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦର ପରିସର ବୃଦ୍ଧି, କମ୍ କାର୍ବନ୍ ନିର୍ଗମନଯୁକ୍ତ ସମାଧାନର ବିକାଶ ଏବଂ ବିଶ୍ୱ ବଜାରରେ ପରିବେଶ ଅନୁକୂଳ ସାମଗ୍ରୀର ବର୍ଦ୍ଧିତ ଚାହିଦା ପୂରଣ ଉପରେ କମ୍ପାନୀର ଗୁରୁତ୍ୱ ପ୍ରତିଫଳିତ ହୋଇଛି। ପ୍ରଦର୍ଶନୀରେ ହୋଇଥିବା ଆଲୋଚନାରେ ପରିବର୍ତ୍ତିତ ବଜାର ପରିସ୍ଥିତି ମଧ୍ୟରେ ଆଲୁମିନିୟମ୍ ଶିଳ୍ପର ନୂତନ ପ୍ରାଥମିକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଯୋଗାଣ ଶୃଙ୍ଖଳର ସ୍ଥିରତା, ସ୍ଥାୟୀ ବିକାଶ, ଉତ୍ପାଦର ଗୁଣବତା, ବୈଷୟିକ ନବସୃଜନ ଓ ବଜାର ପ୍ରତିଯୋଗିତା କ୍ଷମତା ଭଳି ପ୍ରମୁଖ ବିଷୟ ସ୍ଥାନ ପାଇଥିଲା। ଏଥିସହ କମ୍ କାର୍ବନ୍ ନିର୍ଗମନଯୁକ୍ତ ଆଲୁମିନିୟମ୍, ନିର୍ଭରଯୋଗ୍ୟ ଯୋଗାଣ ବ୍ୟବସ୍ଥା ଓ ବିଭିନ୍ନ ଶିଳ୍ପର ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଉତ୍ପାଦ ଯୋଗାଇବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ସ୍ଥାୟୀ ସାମଗ୍ରୀର ବର୍ଦ୍ଧିତ ଚାହିଦା, ସୁଦୃଢ଼ ଯୋଗାଣ ଶୃଙ୍ଖଳ ଓ ଉନ୍ନତ ଉତ୍ପାଦନ ପ୍ରୟୋଗ ଯୋଗୁଁ ବିଶ୍ୱ ଆଲୁମିନିୟମ୍ ଶିଳ୍ପରେ ବ୍ୟାପକ ପରିବର୍ତ୍ତନ ଘଟୁଛି। ଗ୍ରାହକମାନେ ଏବେ ବୃହତ୍ ପରିମାଣରେ ଉଚ୍ଚମାନର ଉତ୍ପାଦ, ନିର୍ଭରଯୋଗ୍ୟ ସେବା ଓ ନବସୃଜନ ପ୍ରଦାନ କରିପାରୁଥିବା ସହଯୋଗୀଙ୍କୁ ଅଧିକ ପସନ୍ଦ କରୁଛନ୍ତି। ଏହା ଉତ୍ପାଦରେ ବିଶେଷତ୍ୱ ଆଣିବା ଓ ଦୃଢ଼ ସହଯୋଗିତା ମାଧ୍ୟମରେ ଅଧିକ ମୂଲ୍ୟ ସୃଷ୍ଟି କରିବାର ସୁଯୋଗ ଖୋଲିଛି। ବେଦାନ୍ତ ଆଲୁମିନିୟମ୍ ଗ୍ରାହକଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବା, ମୂଲ୍ୟଯୁକ୍ତ ଉତ୍ପାଦର ପରିସର ବଢ଼ାଇବା ଏବଂ ବିଶ୍ୱର ବିଭିନ୍ନ ଶିଳ୍ପର ପରିବର୍ତ୍ତିତ ଆବଶ୍ୟକତା ଅନୁଯାୟୀ ସମାଧାନ ଯୋଗାଇବା ଉପରେ ନିରନ୍ତର ଗୁରୁତ୍ୱ ଦେଉଛି ।"

୬୦ରୁ ଅଧିକ ଦେଶରେ ଗ୍ରାହକଙ୍କ ସହ ବ୍ୟବସାୟିକ ସମ୍ପର୍କ ରଖିଥିବା ବେଦାନ୍ତ ଆଲୁମିନିୟମ୍ ବିଭିନ୍ନ ପ୍ରକାରର ପ୍ରାଥମିକ ଓ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ମାଧ୍ୟମରେ ଅନେକ ଶିଳ୍ପକୁ ସେବା ଯୋଗାଉଛି। ଏହାର ଉତ୍ପାଦ ମଧ୍ୟରେ ବିଲେଟ୍, ତାର ତିଆରି ପାଇଁ ଆଲୁମିନିୟମ୍ ରଡ୍, ଫାଉଣ୍ଡ୍ରି ଆଲୟ ଏବଂ ବିଶେଷ ଉପଯୋଗ ପାଇଁ ପ୍ରସ୍ତୁତ ଆଲୁମିନିୟମ୍ ସାମଗ୍ରୀ ରହିଛି। ଏହି ଉତ୍ପାଦଗୁଡ଼ିକ ମୋଟରଯାନ, ବିଦ୍ୟୁତ୍, ଭିତିଭୂମି, ଅକ୍ଷୟ ଶକ୍ତି ଓ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରରେ ବ୍ୟବହୃତ ହେଉଛି। ଆନ୍ତର୍ଜାତିକ ବଜାରରେ ଗ୍ରାହକଙ୍କ ବଦଳୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ଉତ୍ପାଦର ଗୁଣବତା ବୃଦ୍ଧି, ବୈଷୟିକ ମାନ୍ୟତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଗ୍ରାହକଙ୍କ ଆବଶ୍ୟକତା ଅନୁରୂପ ସମାଧାନ ବିକାଶ ଉପରେ କାର୍ଯ୍ୟ କରୁଛି। ପ୍ରଦର୍ଶନୀରେ ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଏକ ପ୍ରମୁଖ ଆଲୋଚ୍ୟ ବିଷୟ ଥିଲା। ଅକ୍ଷୟ ଶକ୍ତିର ବ୍ୟବହାର, ସମ୍ପଦର ପୁନଃଚକ୍ରଣ, ପୁନଃବ୍ୟବହୃତ ଆଲୁମିନିୟମ୍‌ର ଅଂଶ ବୃଦ୍ଧି ଏବଂ କାର୍ବନ୍ ନିର୍ଗମନ ହ୍ରାସ ଉପରେ ବିଶେଷ ଆଲୋଚନା ହୋଇଥିଲା।



# ଏସୀୟ କ୍ରୀଡ଼ା ବିଜେତାଙ୍କ ସହ ମତ ବିନିମୟ କଲେ ମୋଦୀ

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏସୀୟ କ୍ରୀଡ଼ା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ସହ ମତ ବିନିମୟ କରିଛନ୍ତି। ଏତେ ସଂଖ୍ୟକ ପଦକ ବିଜେତାଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହେବାର ଦେଖିବା ଏକ ଚମତ୍କାର ପରିବେଶ ସୃଷ୍ଟି କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। "ଉତ୍ସାହ ଓ ଲକ୍ଷ୍ୟ ବିଜୟରେ ପରିଣତ ହେଲେ ପଦକ ସହିତ ପରିଚୟକୁ ମଧ୍ୟ ଉଜ୍ଜ୍ୱଳ କରିଥାଏ । ଆପଣମାନେ ସମସ୍ତେ ଯୁବ କ୍ରୀଡ଼ାବିତ୍ ଏହାର ଉଦାହରଣ ପାଲଟିଛନ୍ତି", ବୋଲି ଶ୍ରୀ ମୋଦୀ କହିଛନ୍ତି । ୧୪୦ କୋଟି ନାଗରିକଙ୍କ ପାଇଁ ଗୌରବର ମୁହୂର୍ତ୍ତ ଆଣିଥିବାରୁ ପ୍ରଧାନମନ୍ତ୍ରୀ ଖେଳାଳିମାନଙ୍କୁ ପ୍ରଶଂସା କରିଛନ୍ତି । ସେ ଗୁରୁତ୍ୱାରୋପ କରି କହିଛନ୍ତି, ଜାତୀୟ ପତାକାର ସମ୍ମାନ ଓ ଗୌରବ ବୃଦ୍ଧି କରିବା ହିଁ ହେଉଛି ପ୍ରକୃତ ସଫଳତା ।ଏହି ସାମୂହିକ ଜାତୀୟ ବିଜୟ ପାଇଁ ଖେଳାଳି, ସେମାନଙ୍କ ପ୍ରଶିକ୍ଷକ, ସହାୟକ କର୍ମଚାରୀ ଏବଂ ପରିବାରବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି ।ଏହି ସଫଳତା କେବଳ ଆପଣମାନଙ୍କର ନୁହେଁ; ବରଂ ଏହା ଦେଶର କୋଟି କୋଟି ନାଗରିକଙ୍କର ମଧ୍ୟ ସଫଳତା ବୋଲି ସେ କହିଛନ୍ତି ।



ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ଏହି ଦିବଂଗତ ରାଷ୍ଟ୍ରନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଡ. କଲାମଙ୍କ ଅସାଧାରଣ ଜୀବନ ଏବଂ ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିକୋଣ କିପରି ଆଜି ମଧ୍ୟ ଦେଶକୁ ମାର୍ଗଦର୍ଶନ କରୁଛି, ସେ ବିଷୟରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, "ତାଙ୍କ ଜୀବନ ଏବଂ ତାଙ୍କର ଦୂରଦୃଷ୍ଟି ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସ। ଏସୀୟ କ୍ରୀଡ଼ାରେ ହାସଲ ହୋଇଥିବା ଐତିହାସିକ ମାଇଲଖୁଣ୍ଟଗୁଡ଼ିକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ପୁରୁଷ ଓ ମହିଳା ହକି ଦଳର ଦ୍ୱୈତ ସ୍ୱର୍ଣ୍ଣ ପଦକ ବିଜୟକୁ ଉତ୍ସାହର ସହ ଉଲ୍ଲେଖ କରିଥିଲେ । ବିଶେଷକରି ସେ କହିଥିଲେ, ମହିଳା ଦଳ ୪୪ ବର୍ଷର ଦୀର୍ଘ ଅପେକ୍ଷାର ଅନ୍ତ ଘଟାଇ ସ୍ୱର୍ଣ୍ଣ ଜିତିଛି। ଏହା ସହିତ ଉଭୟ କ୍ରିକେଟ୍ ଦଳର କ୍ରମାଗତ ପଦକ ବିଜୟ ଏବଂ କବାଡ଼ିରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିବା ମଧ୍ୟ ଉଲ୍ଲେଖନୀୟ ଥିଲା। ସେ ତୀରନ୍ଦାଜୀରେ ପାଞ୍ଚଟି ସ୍ୱର୍ଣ୍ଣ ପଦକ, ସୁଟିଂ, ବକ୍ସିଂ ଓ କୁସ୍ତିରେ ଚମତ୍କାର ପ୍ରଦର୍ଶନ, ଆଥଲେଟିକ୍ସରେ ନୂତନ ରେକର୍ଡ, ୨୮ ବର୍ଷ ପରେ ଭାରୋତ୍ତୋଳନରେ ପଦକ ଏବଂ ୧୯୮୨ ମସିହା ପରେ ମାରାଥନରେ ପ୍ରଥମ ସଫଳତା ପାଇଁ ଖେଳାଳିମାନଙ୍କୁ ପ୍ରଶଂସା କରିଥିଲେ। ଏଥରର ଏସୀୟ କ୍ରୀଡ଼ା ଆମ ପାଇଁ ଅନେକ ଦୃଷ୍ଟିରୁ ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ । ଭାରତର ମୋଟ ୮୫ଟି ପଦକ ମଧ୍ୟରୁ ୧୧ଟି ସ୍ୱର୍ଣ୍ଣ ସମେତ ୩୮ଟି ପଦକ ହାସଲ କରିଥିବା ମହିଳା ଖେଳାଳିମାନଙ୍କ ଅସାଧାରଣ ଅବଦାନରପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ।

# ଅଭିନେତା ଇମ୍ରାନଙ୍କୁ ଭାରତ ଛାଡ଼ ନୋଟିସ୍

**ମୁମ୍ବାଇ:** ମୁମ୍ବାଇରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରାରେ ଭାଗ ନେବା ଅଭିନେତା ଇମ୍ରାନ୍ ଖାନଙ୍କୁ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଇମ୍ରାନଙ୍କୁ ଅକ୍ଟୋବର ୨୮ ତାରିଖ ସୁଦ୍ଧା ଭାରତ ଛାଡ଼ିବାକୁ ମୁମ୍ବାଇ ପୁଲିସ ପକ୍ଷରୁ ନୋଟିସ୍ ଦିଆଯାଇଛି। ତେବେ ଇମ୍ରାନଙ୍କୁ ଓକିଲ କହିଛନ୍ତି ଯେ, ଭାରତ ଛାଡ଼ିବା ନୋଟିସ୍ ଉପରେ ଅଭିନେତା ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ। ସେ କହିଛନ୍ତି ଯେ, ନିୟମ ଅନୁଯାୟୀ ଓସିଆଇ (ଭାରତର ପ୍ରବାସୀ ନାଗରିକ) କାର୍ଡଧାରୀମାନଙ୍କୁ ପ୍ରତିବାଦରେ ଅଂଶଗ୍ରହଣ କରିବାରୁ ନିଷେଧ କରାଯାଇ ନାହିଁ। ସୂଚନାଯୋଗ୍ୟ, ଆମେରିକା ପାସପୋର୍ଟଧାରୀ ଇମ୍ରାନ୍ ଗତ ସପ୍ତାହରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମୈଦାନରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ପ୍ରତିବାଦ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ନେଇ ବିବାଦ ହୋଇଛି।ବିଜେପି ନେତା କିରିଟ୍ ସୋମେୟା ମୁମ୍ବାଇରେ ପ୍ରତିବାଦରେ ଯୋଗ ଦେଇଥିବା ଅଭିଯୋଗରେ ଇମ୍ରାନ୍ ଖାନଙ୍କୁ ଗିରଫ କରି ନିର୍ବାସନ କରିବାକୁ ଦାବି କରିଥିଲେ। ପ୍ରତିବାଦ କରୁଥିବା ସମୟରେ ଇମ୍ରାନ୍ ମୁମ୍ବାଇ ପୁଲିସ ଦ୍ୱାରା ଅଟକ ରହିଥିଲେ। ଅଭିନେତା ସୋସିଆଲ ମିଡିଆରେ ପୁଲିସ ତାଙ୍କୁ ଅଟକ ରଖିବାର ଫଟୋ ସେୟାର କରିଥିଲେ। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଇମ୍ରାନ କହିଥିଲେ, ସେ ମୁମ୍ବାଇର ଜଣେ ନାଗରିକ ଭାବରେ ଆସିଥିଲେ ଓ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଦାବି ନାହିଁ।ସେ ସ୍ୱାଧୀନ ଭାବେ ଚଳପ୍ରଚଳ କରିବା ଓ ଲୋକଙ୍କ ସ୍ୱାଧୀନ ମତ ଚାପିବାର ପ୍ରୟାସ ଉପରେ ପ୍ରଶ୍ନ ଉଠାଇଥିଲେ। ତେବେ ପ୍ରଦତ୍ତ ସୂଚନା ଅନୁଯାୟୀ, ଭାରତୀୟ ନାଗରିକ ନ ହୋଇ ମଧ୍ୟ ପ୍ରତିବାଦରେ ଅଂଶଗ୍ରହଣ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ଇମିଗ୍ରେସନ ଆଇନର ଧାରା ୨୯ ଓ ୭ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଇମ୍ରାନଙ୍କ ସମର୍ଥନରେ ସିଜେପି ମୁଖ୍ୟ ଅଭିଜିତ୍ ଦୀପ୍କେ ବାହାରିଛନ୍ତି। ଦୀପ୍କେ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ମ୍ୟାରି ମିଲବେନ୍ ଜଣେ ଆମେରିକୀୟ ହୋଇଥିବାବେଳେ ସେ ବିଜେପି ସପକ୍ଷରେ କହିପାରିବେ। କିନ୍ତୁ ପ୍ରବାସୀ ଭାରତୀୟ ଇମ୍ରାନ୍ ଖାନ୍ ବିଜେପି ବିରୋଧରେ କିଛି କହିପାରିବେ ନାହିଁ।



# ଆଇଏଏସ୍ ଚାକିରି ଛାଡ଼ି ନୂଆ ଦଳ ଗଢ଼ିଲେ ଦିବ୍ୟା ମିତ୍ତଲ

**ନୂଆଦିଲ୍ଲୀ:** ଆଇଏଏସ ଚାକିରି ଛାଡ଼ି ରାଜନୀତିରେ ପାଦ ଥାପିଥିବା ଦିବ୍ୟା ମିତ୍ତଲ ଗୁରୁବାର ସୋସିଆଲ୍ ମିଡିଆ ଜରିଆରେ ନିର୍ବାଚନ ଲଢ଼ିବା ସହିତ ନିଜର ନୂଆ ରାଜନୈତିକ ଦଳ ଗଠନ କରିଥିବା ଘୋଷଣା କରିଛନ୍ତି। ଦିବ୍ୟା ନୂଆ ଦଳର ନାମ 'ଜନନୀତି ଭାରତ' ରଖିଛନ୍ତି। ଦିବ୍ୟା ମିତ୍ତଲ ପ୍ରାୟ ୧୩ ବର୍ଷ ପ୍ରଶାସନିକ ସେବାରେ କାର୍ଯ୍ୟ କରିବା ପରେ ୨୦୨୬ ଅଗଷ୍ଟ ୩୦ରେ ସେ ଆଇଏଏସ୍ ଚାକିରି ଛାଡ଼ି ରାଜନୀତିରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। ସେପ୍ଟେମ୍ବର ୧୫ ତାରିଖରେ ଉତ୍ତର ପ୍ରଦେଶ ସରକାର ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ। ସେ ଉତ୍ତରପ୍ରଦେଶର ମିର୍ଜାପୁର ଓ ଦେଓରିଆ ଭଳି ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ। ନିଜ କାର୍ଯ୍ୟକାଳରେ କଠୋର ପ୍ରଶାସନିକ ଶୈଳୀ ଓ ନିଷ୍ପତ୍ତି ପାଇଁ ସେ ଚର୍ଚ୍ଚାରେ ରହିଥିଲେ। । ମିର୍ଜାପୁରରେ ବିକାଶମୂଳକ କାର୍ଯ୍ୟକୁ ନେଇ ସ୍ଥାନୀୟ ନେତାଙ୍କ ସହ ତାଙ୍କର ମତଭେଦ ଥିବା ନେଇ ଚର୍ଚ୍ଚା ହୋଇଥିଲା ।ରାଜନୀତିରେ ପ୍ରବେଶକୁ ନେଇ ଦିବ୍ୟା କହିଛନ୍ତି, "ରାଜନୀତି ଆପଣଙ୍କ ଉପରେ ଶାସନ କରେ, କିନ୍ତୁ ଏହି ଦଳ ଆପଣଙ୍କ ଶାସନ ପାଇଁ ଗଠନ କରାଯାଇଛି। ନୂଆ ଦଳର ତିନୋଟି ପ୍ରତିଶ୍ରୁତି ରହିଛି। ପ୍ରଥମ ପ୍ରତିଶ୍ରୁତି ଜନତାଙ୍କଠାରୁ ନୀତି ଏବଂ ନୀତିରୁ ଭାରତ। ଦ୍ୱିତୀୟ ପ୍ରତିଶ୍ରୁତି ଆବଶ୍ୟକତାକୁ ଦେଖି ପ୍ରତ୍ୟେକ ନିଷ୍ପତ୍ତି ନିଆଯିବ ଶେଷ ଏବଂ ତୃତୀୟ ପ୍ରତିଶ୍ରୁତି ଆବଶ୍ୟକତା ଅନୁଯାୟୀ ନିଷ୍ପତ୍ତିରେ ସମାନତାକୁ ଦୃଷ୍ଟିରେ ରଖାଯିବ।



# ଇରାନ ଉପରେ ଆକ୍ରମଣ କରିବାକୁ 'ମଦର ଅଫ୍ ଅଲ୍ ବମ୍' ବ୍ୟବହାର କରିବ ଆମେରିକା

**ୱାଶିଂଟନ:** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଉପରେ ବିଶ୍ୱର ନଜର ରହିଛି। କିନ୍ତୁ ଏବେ ଆମେରିକାର ଏକ ସମ୍ଭାବ୍ୟ ସାମରିକ ଯୋଜନା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ରିପୋର୍ଟ ଅନୁଯାୟୀ ଆମେରିକାର ସାମରିକ ବାହିନୀ ଭବିଷ୍ୟତରେ ଇରାନ ଉପରେ ଆକ୍ରମଣ ପାଇଁ 'ମଦର ଅଫ୍ ଅଲ୍ ବମ୍' ଭାବରେ ପରିଚିତ ଏକ ବୋମା ବ୍ୟବହାର କରିବାକୁ ବିଚାର କରୁଛି। ଏହା ଆମେରିକାର ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ। ଯଦି ଏହା ବ୍ୟବହାର କରାଯାଏ, ତେବେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ପୁଣି ଥରେ ଏକ ବିପଦପୂର୍ଣ୍ଣ ମୋଡ଼ ନେଇପାରେ।ଇରାନ ଏବଂ ଆମେରିକା ମଧ୍ୟରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି।ସମ୍ପ୍ରତି ଇରାନୀ ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ (ଆଇଆରଜିସି) ନୌସେନାର କମାଣ୍ଡର ରିଅର ଆଡମିରାଲ ଅଲି ଆଜମାଇ ଆମେରିକାକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକୀୟ ଜାହାଜ ଦ୍ୱାରା ଯେକୌଣସି କାର୍ଯ୍ୟର କଡ଼ା ଜବାବ ଦିଆଯିବ। ଏହି ଚେତାବନୀ ମଧ୍ୟରେ ଆମେରିକା ପକ୍ଷରୁ ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ବ୍ୟବହାର ବିଷୟରେ ଆଲୋଚନା ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଛି। ତେବେ ଏହି ବୋମା ବ୍ୟବହାର ବିଷୟରେ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ।ରିପୋର୍ଟ ଅନୁଯାୟୀ, ଆମେରିକୀୟସେନା ଏପରି ସମ୍ଭାବ୍ୟ ସାମରିକ ଯୋଜନା ଉପରେ ବିଚାର କରୁଛି। ଯଦି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତି, ତେବେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରେ। ଏହି ଖବର ସୂଚାଇ ଦେଉଛି ଯେ, ଆମେରିକୀୟ ସାମରିକ ବିକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଆକ୍ରମଣର ସମ୍ଭାବନା ବିଷୟରେ ଆଲୋଚନା କରାଯାଉଛି।ଏହି ବୋମାର ନାମ ହେଉଛି ଜିବିୟୁ-୪୩/ବି ମାସିଭ୍ ଅର୍ଡନାନ୍ସ ଏୟାର ବ୍ଲାଷ୍ଟ (ଏମଓଏବି)। ଏହାକୁ ସାଧାରଣତଃ 'ମଦର ଅଫ୍ ଅଲ୍ ବମ୍' କୁହାଯାଇଥାଏ। ଏହା ଆମେରିକାର ସବୁଠାରୁ ବଡ଼ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ। ଏହାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହା ଏକ ପରମାଣୁ ବୋମା ନୁହେଁ, ତଥାପି ଏହାର ବିସ୍ଫୋରଣ ଏକ ବିଶାଳ ଅଞ୍ଚଳରେ ବ୍ୟାପକ ଧ୍ୱଂସ ଘଟାଇପାରେ। ଏହାର ଉଦ୍ଦେଶ୍ୟ ବଡ଼ ସାମରିକ ଘାଟି ଏବଂ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳକୁ ଯଥେଷ୍ଟ କ୍ଷତି ପହଞ୍ଚାଇବା।




# ଦିଲ୍ଲୀର ଅନେକ ପ୍ରତିଷ୍ଠିତ ସ୍କୁଲକୁ ବୋମା ଧମକ

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀର ଏକାଧିକ ସ୍କୁଲକୁ ଗୁରୁବାର ଦିନ ଇମେଲ୍ ଜରିଆରେ ବୋମା ଫୁଟାଇ ଉଡ଼ାଇ ଦେବାକୁ ଧମକ ମିଳିଛି। ଧମକପୂର୍ଣ୍ଣ ଇମେଲ୍ ଆସିବା ପରେ ପୁଲିସ ଏବଂ ସୁରକ୍ଷା ବାହିନୀର ଟିମ୍ ତୁରନ୍ତ ସମ୍ପୃକ୍ତ ସ୍କୁଲଗୁଡ଼ିକର ପରିସରକୁ ଯାଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସ୍କୁଲ ପରିସରରେ କୌଣସି ସନ୍ଦିଗ୍ଧ ବସ୍ତୁ ରହିଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ସୁରକ୍ଷା କର୍ମଚାରୀମାନେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ସ୍କୁଲଗୁଡ଼ିକରୁ କୌଣସି ପ୍ରକାରର ସନ୍ଦିଗ୍ଧ ବସ୍ତୁ କିମ୍ବା ବିସ୍ଫୋରକ ମିଳିନଥିବା ନେଇ ପୁଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଇମେଲର ଉତ୍ସ ସମ୍ପର୍କରେ ତଦନ୍ତ ଜାରି ରହିଛି।



# ନଭେମ୍ବର ୧ରୁ 'ଅଜଣା ନମ୍ବର କଲିଂ' ବନ୍ଦ, କଲର ଆଇଡି ବାଧ୍ୟତାମୂଳକ

**ନୂଆଦିଲ୍ଲୀ:** ଟେଲିକମ୍ୟୁନିକେସନ ବିଭାଗ ପକ୍ଷରୁ ସମସ୍ତ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନଭେମ୍ବର ୧ରୁ କଲିଂ ନେମ ପ୍ରେଜେଣ୍ଟେସନ (ସିଏନଏପି) ବାଧ୍ୟମୂଳକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ସିଏନଏପି ହେଉଛି ଭାରତର କଲର ପରିଚୟ ଯାଞ୍ଚ ବ୍ୟବସ୍ଥା। ଏହାଦ୍ୱାରା କଲ କରିଥିବା ବ୍ୟକ୍ତିଙ୍କ ନମ୍ବର ସହ ଓ ନାଁ ମଧ୍ୟ ମୋବାଇଲରେ ଦେଖାଯିବ। ବେଳେବେଳେ ଅଜଣା ନମ୍ବରରୁ କଲ ଆସିଥିବା ମୋବାଇଲରେ ଡିସପ୍ଲେ ହୋଇଥାଏ।କିନ୍ତୁ ନଭେମ୍ବର ୧ରୁ ଆଉ ଅଜଣା ନମ୍ବର ବୋଲି କିଛି ରହିବ ନାହିଁ। ଫୋନ ଆସିବ ମାନେ କଲ କରିଥିବା ବ୍ୟକ୍ତିଙ୍କ ନାଁ ଫୋନ ପାଇଥିବା ବ୍ୟକ୍ତିଙ୍କ ମୋବାଇଲରେ ଦେଖାଯିବ। ବିଭାଗର ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସିଏନଏପି ଦେଶର ସମସ୍ତ ୪ଜି ଓ ଏହା ଠାରୁ ଉନ୍ନତ ନେଟୱର୍କ ପାଇଁ ଲାଗୁ ହେବ। ଯେତେବେଳେ ଆପଣ ଗୋଟିଏ କଲ ପାଉଛନ୍ତି ସେତେବେଳେ ସିଏନଏପି କଲ୍ କରିଥିବା ବ୍ୟକ୍ତିଙ୍କ ନମ୍ବର ଓ ନାଁ ପ୍ରଦର୍ଶନ କରିବ। ୨ଜି ଓ ୩ଜି ନେଟୱର୍କ ପାଇଁ ସ୍ୱତନ୍ତ୍ର ଭାବେ ଏହାର ବିଚାର କରାଯିବ ବୋଲି ନିର୍ଦ୍ଦେଶନାମରେ ଉଲ୍ଲେଖ କରିଛି ବିଭାଗ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଯେତେବେଳେ କେହି ଗୋଟିଏ କଲ୍କୁ ଗ୍ରହଣ କରୁଛନ୍ତି ସେତେବେଳେ ମୋବାଇଏ ସ୍କ୍ରିନରେ ପ୍ରଥମେ କଲ କରିଥିବା ବ୍ୟକ୍ତିଙ୍କ ନମ୍ବର ଓ ତଳେ ନାଁ ଆସିବ। ଯଦି କଲ ପାଇଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟରେ ନମ୍ବର ସେଭ ରହିଛି, ତା'ହେଲେ ନମ୍ବର ସହ ନାଁ ଯେମିତି ଆସିବା କଥା ଆସିବ ।କିନ୍ତୁ ନମ୍ବର ଯଦି ସେଭ ନାହିଁ, ତା'ହେଲେ ଟେଲିକମ ଅପରେଟରଙ୍କ ପାଖରେ ଉକ୍ତ ନମ୍ବରଟି ଯାହା ନାଁରେ ସେଭ ଥିବ, ତା'ହା ମୋବାଇଲରେ ପ୍ରଦର୍ଶିତ ହେବ।




# ଭୁଶୁଡ଼ିଲା ସ୍କୁଲ ଛାତ: ଚାଲିଗଲା ୨୮ ପିଲା ଓ ଶିକ୍ଷୟିତ୍ରୀଙ୍କ ଜୀବନ

**ଇସ୍ଲାମବାଦ:** ସ୍କୁଲରେ ପାଠ ପଢ଼ା ଚାଲିଥିବା ବେଳେ ଘଟିଛି ବଡ଼ ଅଘଟଣ। ପିଲାମାନେ ଶ୍ରେଣୀ ଗୃହରେ ପଢୁଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଛି ଗୋଟିଏ ଘରୋଇ ସ୍କୁଲର ଛାତ। ଏଥିରେ ୨୮ ଜଣ ପିଲା ଓ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି ।ସେହିପରି ଧ୍ୱଂସାବଶେଷ ତଳୁ ୧୦ରୁ ଅଧିକ ପିଲାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ପିଲାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ପାକିସ୍ତାନର ପେଶାୱର ଅନ୍ତର୍ଗତ ଆଫ୍ରିଦି ଆବାଦ ଅଞ୍ଚଳରେ ଏପରି ଭୟଙ୍କର ଘଟଣା ଘଟିଛି।ସ୍ଥାନୀୟ ଲେଡୀ ରିଡିଂ ହସ୍ପିଟାଲର ମୁଖପାତ୍ର ମହମ୍ମଦ ଆସିମ ମୃତ୍ୟୁସଂଖ୍ୟାକୁ ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ ମୃତକଙ୍କ ମଧ୍ୟରେ ୨୫ ଜଣ ଛାତ୍ର, ୩ ଜଣ ଛାତ୍ରୀ ଓ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି ।ପ୍ରାଣ ହରାଇଥିବା ପିଲାମାନଙ୍କ ବୟସ ୭ରୁ ୧୩ ବର୍ଷ ମଧ୍ୟରେ ହେବ। ହସ୍ପିଟାଲ ଆସିଥିବା ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥିତିକୁ ଦେଖି ହସ୍ପିଟାଲରେ ଏମର୍ଜେନ୍ସି ଘୋଷଣା କରାଯାଇଛି। ପେଶାୱର ଡେପୁଟି କମିଶନର ଆଫାକ ୱାଜିରଙ୍କ କହିବା କଥା ଯେ ଅଲ ଖୈର ସ୍କୁଲରେ ପାଠ ପଢ଼ା ଚାଲି ଥିବା ବେଳେ ଏପରି ଘଟଣା ଘଟିଛି। ଘଟଣା ବେଳେ ପ୍ରାୟ ୪୦ ଜଣ ପିଲା ଶ୍ରେଣୀ ଗୃହରେ ଉପସ୍ଥିତ ଥିଲେ। ଛାତ ଭୁଶୁଡ଼ିବା ଯୋଗୁ ସମସ୍ତେ ଧ୍ୱଂସାବଶେଷ ତଳେ ଚାପି ହୋଇ ଯାଇଥିଲେ ।ଉଦ୍ଧାରକାରୀ ଅନେକଙ୍କୁ ଧ୍ୱଂସାବଶେଷ ତଳୁ ବାହାର କରିଥିବା ବେଳେ ଏବେ ସେଠାରେ ଯାଞ୍ଚ ଚାଲିଛି। ହସ୍ପିଟାଲରେ ପ୍ରାୟ ୧୭ ଜଣଙ୍କ ଚିକିତ୍ସା ଚାଲିଥିବା ସେ କହିଛନ୍ତି। ଏପଟେ ଖାଇବର ପାଖତୁନଖ୍ୱାର ଗଭର୍ଣ୍ଣର ଫୈଜଲ କରିମ କୁଣ୍ଡି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଅଧିକାରୀଙ୍କୁ ବିସ୍ତୃତ ତଥ୍ୟ ମାଗିଛନ୍ତି। ସେ ସ୍କୁଲ ଛାତ କେମିତି ଭୁଶୁଡ଼ିଲା, ତା'ର କାରଣ ଜାଣାଇବାକୁ କହିଛନ୍ତି।

# ଦଣ୍ଡର ରାୟ ଲେଖି ଡଷ୍ଟବିନରେ ପେନ ଫିଙ୍ଗିଲେ ଜଜ୍

**ନୂଆଦିଲ୍ଲୀ:** ଗୋଟିଏ କଲମରେ ଲେଖା ଗଲା ଦୁଇ ଜଣଙ୍କ ମୃତ୍ୟୁଦଣ୍ଡର ରାୟ । ଆଉ ରାୟ ଶୁଣାଇବା ପରେ ସେହି କଲମକୁ ଡଷ୍ଟବିନ୍ରେ ଫିଙ୍ଗିଦେଲେ ବିଚାରପତି । କୋର୍ଟ ଭିତରେ ବିଚାରପତିଙ୍କ ଏମିତି ଅଜବ ଅନ୍ଦାଜ ଏବେ ଚର୍ଚ୍ଚାରେ । ଉତ୍ତରପ୍ରଦେଶ ମେରଠର ବହୁଚର୍ଚ୍ଚିତ ସୌରଭ ରାଜପୁତ ହତ୍ୟା ମାମଲାରେ ମୁସ୍କାନ ଓ ତାଙ୍କ ପ୍ରେମିକ ସାହିଲଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ର । ରାୟ ଶୁଣାଇବା ପୂର୍ବରୁ ମହାଭାରତର ଉଦାହରଣ ଦେଇଥିଲେ ବିଚାରପତି । ତେବେ ଏହି ରାୟ ପରେ କାହିଁକି କଲମକୁ ଡଷ୍ଟବିନ୍ରେ ପକାଇଲେ ଜଜ୍? ଆସନ୍ତୁ ଜାଣିବା ପୂରା ଘଟଣା । କୋର୍ଟ ରୁମ୍ରେ ଗୋଟିଏ ରାୟ, ଆଉ ଚର୍ଚ୍ଚାରେ ବିଚାରପତିଙ୍କ ନିଆରା ଅନ୍ଦାଜ । ମେରଠର ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଲାଙ୍କୁ ଫାଶୀ ଦଣ୍ଡ ଶୁଣାଇବା ପରେ ଏବେ ଚର୍ଚ୍ଚାରେ ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ର । ଏହି ହତ୍ୟା ମାମଲାର ବିଚାର ପ୍ରକ୍ରିୟା ପ୍ରାୟ ୧୩ ମାସ ଧରି ଚାଲିଥିଲା । ୧୨୬ ଥର ଶୁଣାଣି ପରେ ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହାପରେ ଉଭୟଙ୍କୁ ମୃତ୍ୟୁଦଣ୍ଡ ଶୁଣାଯାଇଛି ।



ବ୍ଲୁ ଡ୍ରମ ମଡର

ସ୍ୱାମୀ ସୌରଭ ରାଜପୁତଙ୍କୁ ହତ୍ୟା କରିବା ପରେ ମୁସ୍କାନ ଓ ସାହିଲ ତାଙ୍କ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ନୀଳ ଡ୍ରମ୍ରେ ଭର୍ତ୍ତି କରିଥିବା ଅଭିଯୋଗ ହୋଇଥିଲା । ଏହି ଜଘନ୍ୟ ହତ୍ୟା ମାମଲାର ରାୟ ଶୁଣାଇବା ପୂର୍ବରୁ ଜଜ୍ ଅରବିନ୍ଦ କୁମାର ମିଶ୍ର ମହାଭାରତର ଉଦାହରଣ ଦେଇଥିଲେ । ଅପରାଧ ଅନୁସାରେ ଦଣ୍ଡ ଦେବା ନ୍ୟାୟିକ ଧର୍ମ ବୋଲି ସେ କହିଥିଲେ । ଏଥିସହ ବାଘ ଓ ଜଙ୍ଗଲର ଉଦାହରଣ ଦେଇ ଆଇନ ଓ ସମାଜ ମଧ୍ୟରେ ସୁରକ୍ଷାର ସନ୍ତୁଳନ କେତେ ଜରୁରୀ, ତାହା ବୁଝାଇଥିଲେ । ହେଲେ ରାୟ ଶୁଣାଇବା ପରେ ବିଚାରପତିଙ୍କ ଆଉ ଏକ ପଦକ୍ଷେପ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି ।

# ରୁଷ୍ ସେନାରେ ଭାରତୀୟ: ସ୍ୱଦେଶ ଫେରି ପୁଣି ଚାଲିଗଲେ

**ନୂଆଦିଲ୍ଲୀ:** ରୁଷ୍ ସେନାରୁ କୂଟନୈତିକ ଉଦ୍ୟମ ଜରିଆରେ ମୁକ୍ତ କରାଯାଇ ଭାରତ ଫେରାଇ ଅଣାଯାଇଥିବା କେତେକ ଭାରତୀୟ ସ୍ୱ-ଇଚ୍ଛାରେ ପୁଣି ରୁଷ୍ ସେନାରେ ଯୋଗ ଦେଇଛନ୍ତି। ଏବେ ସେମାନଙ୍କ ସମ୍ପର୍କରେ କୌଣସି ଖୋଜଖବର ମିଳୁନାହିଁ। ବୁଧବାର ସୁପ୍ରିମକୋର୍ଟରେ ଏକ ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାର ଏହି ସୂଚନା ଦେଇଛନ୍ତି। ରୁଷ୍ ସେନାରେ ଭାରତୀୟଙ୍କ ନିଯୁକ୍ତି ଏବଂ ଯୁଦ୍ଧରେ ସେମାନଙ୍କ ସମ୍ପୃକ୍ତିକୁ ନେଇ ସରକାରଙ୍କ ପକ୍ଷରୁ ଦାଖଲ ସ୍ଥିତି ରିପୋର୍ଟରେ ଏହି କଥା ଉଲ୍ଲେଖ କରାଯାଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠରେ ବୈଦେଶିକ ମନ୍ତ୍ରଣାଳୟର ରିପୋର୍ଟ ଉପସ୍ଥାପନ କରି ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଥିଲେ ଯେ ଅନେକ ଭାରତୀୟ ଆର୍ଥିକ ଲାଭ ଆଶାରେ ନିଜ ଇଚ୍ଛାରେ ରୁଷ୍ ସେନାରେ ଯୋଗ ଦେଉଛନ୍ତି। ପରେ ସେଠାରୁ ମୁକ୍ତି ପାଇବା ପାଇଁ ଭାରତ ସରକାରଙ୍କ ସହାୟତା ଲୋଡୁଛନ୍ତି। ରିପୋର୍ଟ ଅନୁଯାୟୀ, ପର୍ଯ୍ୟଟକ, ଛାତ୍ର କିମ୍ବା କାର୍ଯ୍ୟଭିତ୍ତିକ ଭିସାରେ ରୁଷ୍ ଯାଉଥିବା କେତେକ ଭାରତୀୟ ଅସ୍ଥାୟୀ ଆର୍ଥିକ ଲାଭ ପାଇଁ ସେଠାକାର ସେନାରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏପରିକି କେତେକ ଭାରତୀୟ ନିଜ ନାଗରିକତା ଛାଡ଼ି ରୁଷର ପାସ୍ପୋର୍ଟ ନେବା ପାଇଁ ଭାରତୀୟ ଦୂତାବାସରେ ଆବେଦନ କରିଥିବା ମଧ୍ୟ ରିପୋର୍ଟରେ ଦର୍ଶାଯାଇଛି। ଏହା ପରେ ସେମାନେ ରୁଷ୍ ସେନାରେ ନିଯୁକ୍ତ ହେଉଛନ୍ତି। ଭାରତ ସରକାର ଓ ମସ୍କୋସ୍ଥିତ ଭାରତୀୟ ଦୂତାବାସର ନିରନ୍ତର ଉଦ୍ୟମ ପରେ ରୁଷ୍ ସେନାରୁ କେତେକ ଭାରତୀୟଙ୍କୁ ମୁକ୍ତ କରାଯାଇ ସ୍ୱଦେଶ ଫେରାଇ ଅଣାଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ କେତେକ ପୁଣି ସେନାରେ ଯୋଗ ଦେବା ଘଟଣା ସରକାରଙ୍କ ଚିନ୍ତା ବଢ଼ାଇଛି। ବିଦେଶୀ ସେନାରେ ନିଯୁକ୍ତି ପାଇଁ ଆର୍ଥିକ ପ୍ରଲୋଭନ ଦେଖାଉଥିବା ଲୋକଙ୍କଠାରୁ ସତର୍କ ରହିବାର ଆବଶ୍ୟକତା ଏହି ଘଟଣାରୁ ସ୍ପଷ୍ଟ ହେଉଛି। ରୁଷ୍ ସେନାରେ ଯୋଗ ଦେଇଥିବା ଭାରତୀୟଙ୍କୁ ମୁକ୍ତ କରାଇବା ଓ ସେମାନଙ୍କ ସ୍ଥିତି ଜାଣିବା ପାଇଁ ଭାରତ ସରକାର କୂଟନୈତିକ ସ୍ତରରେ ଉଦ୍ୟମ ଜାରି ରଖିଛନ୍ତି।



# 'କେତେ ଦିନ ଏକା ମୀରାବାଈ ଜିତୁଥିବେ ପଦକ?

## ଏସୀୟ କ୍ରୀଡ଼ାରେ ଭାରତର ପ୍ରଦର୍ଶନ ନେଇ କ୍ରୀଡ଼ା ମନ୍ତ୍ରଣାଳୟର ସମୀକ୍ଷା: ଖେଳାଳିଙ୍କ ଆଘାତ ଓ ନିରାଶାଜନକ ପ୍ରଦର୍ଶନକୁ ନେଇ ପ୍ରଶ୍ନ

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ୨୦୨୬ ଏସୀୟ କ୍ରୀଡ଼ାରେ ଭାରତର ପ୍ରଦର୍ଶନକୁ ନେଇ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସମୀକ୍ଷା କରିଛି। ଆଥଲେଟିକ୍ସ, ବ୍ୟାଡମିଣ୍ଟନ୍ ଓ ସୁଟିଂ ଭଳି କ୍ରୀଡ଼ାରେ ଆଶାନୁରୂପ ସଫଳତା ନ ମିଳିବା ସହ ପ୍ରତିଯୋଗିତା ସମୟରେ ଖେଳାଳିଙ୍କ ଆଘାତକୁ ନେଇ ପ୍ରଶ୍ନ ଉଠିଛି। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟା କହିଛନ୍ତି, ଭାରତ କେବଳ ମୀରାବାଈ ଚାନୁଙ୍କ ଭଳି ହାତଗଣତି ଖେଳାଳିଙ୍କ ଉପରେ ନିର୍ଭର କରି ରହିପାରିବ ନାହିଁ। ପ୍ରତ୍ୟେକ କ୍ରୀଡ଼ା ସଂଘ ଅଧିକ ପଦକ ବିଜେତା ସୃଷ୍ଟି କରିବା ଦିଗରେ ଦାୟିତ୍ୱ ନେବା ଆବଶ୍ୟକ।



ଗୁରୁବାର ନୂଆଦିଲ୍ଲୀରେ ଆୟୋଜିତ ଏହି ସମୀକ୍ଷା ବୈଠକରେ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେ, ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପି.ଟି. ଉଷା, କ୍ରୀଡ଼ା ସଚିବ ହରି ରଞ୍ଜନ ରାଓ ଏବଂ ବିଭିନ୍ନ ଜାତୀୟ କ୍ରୀଡ଼ା ସଂଘର ପ୍ରତିନିଧି ଯୋଗ ଦେଇଥିଲେ। ଆଗାମୀ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୨୦୩୦ର ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ପ୍ରସ୍ତୁତି ମଧ୍ୟ ବୈଠକର ଅନ୍ୟତମ ଉଦ୍ଦେଶ୍ୟ ଥିଲା।

**'ଆଉ ୧୦ ଜଣ ମୀରାବାଈ ତିଆରି କରିବାକୁ ହେବ**

ମାଣ୍ଡଭିୟା କହିଥିଲେ, "କେତେ ଦିନ ମୀରାବାଈ ଚାନୁ ଏକା ଆମ ପାଇଁ ପଦକ ଜିତୁଥିବେ? ଆମକୁ ଆଉ ୧୦ ଜଣ ମୀରାବାଈ ଚାନୁ ତିଆରି କରିବାକୁ ହେବ।ଦ୍ଧ ପ୍ରତ୍ୟେକ ଜାତୀୟ କ୍ରୀଡ଼ା ସଂଘ ପ୍ରତିଭା ଚିହ୍ନଟ କରିବା, ଉପଯୁକ୍ତ ପ୍ରଶିକ୍ଷଣ ଦେବା ଏବଂ ଖେଳାଳିଙ୍କୁ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ଗୁରୁତ୍ୱ ଦେବା ଉଚିତ ବୋଲି ସେ କହିଥିଲେ।

ଏସୀୟ କ୍ରୀଡ଼ାରେ ମହିଳା ୪୯ କିଲୋଗ୍ରାମ ଭାରୋତ୍ତୋଳନ ବର୍ଗରେ ରୌପ୍ୟ ପଦକ ଜିତିଥିଲେ ମୀରାବାଈ। ଏହା ଏସୀୟ କ୍ରୀଡ଼ାରେ ତାଙ୍କର ପ୍ରଥମ ପଦକ ହୋଇଥିବାବେଳେ ୨୮ ବର୍ଷ ପରେ ଭାରତକୁ ଭାରୋତ୍ତୋଳନରେ ପଦକ ମିଳିଥିଲା। ଏହା ପୂର୍ବରୁ ୧୯୯୮ ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ କର୍ଣ୍ଣମ ମଲେଶ୍ୱରୀ ରୌପ୍ୟ ପଦକ ଜିତିଥିଲେ।

**ଆଘାତ ଓ ପ୍ରଦର୍ଶନକୁ ନେଇ ଚିନ୍ତା**

ଏସୀୟ କ୍ରୀଡ଼ାରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲା। ତେବେ ପୂର୍ବ ସଂସ୍କରଣରେ ଭାରତ ଜିତିଥିବା ୧୦୬ ପଦକ ତୁଳନାରେ ଏଥର ସଂଖ୍ୟା କମିଛି। ବିଶେଷକରି ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ସଂଖ୍ୟା ୬ରୁ ଗୋଟିଏକୁ ଖସିବା ଏବଂ ବ୍ୟାଡମିଣ୍ଟନ୍ରେ କେବଳ ପୁରୁଷ ଦଳଗତ ବର୍ଗରେ କାଂସ୍ୟ ପଦକ ମିଳିବା ନିରାଶାଜନକ ରହିଥିଲା।

ବୈଠକରେ ଜ୍ୟୋତି ୟାରାଜୀ ଓ ପ୍ରବୀଣ ଚିତ୍ରାଭେଲଙ୍କ ଭଳି ଖେଳାଳିଙ୍କ ଆଘାତ ପ୍ରସଙ୍ଗ ଉଠିଥିଲା। ଏସୀୟ କ୍ରୀଡ଼ା ସ୍ଥଳରେ ପହଞ୍ଚିବା ପରେ ଖେଳାଳିମାନେ ଆଘାତ ସମ୍ପର୍କରେ ଜଣାଇବା ଓ ପ୍ରତିଯୋଗିତାରେ ଭାଗ ନେଇ ନ ପାରିବା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଥିଲା। ଆଥଲେଟିକ୍ସରେ ଅବିନାଶ ସାବଲେଙ୍କ ଶାରୀରିକ ପ୍ରସ୍ତୁତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ତେବେ ଏହି ପ୍ରସଙ୍ଗଗୁଡ଼ିକ ଉପରେ ସମ୍ପୃକ୍ତ କ୍ରୀଡ଼ା ସଂଘ ସହ ଅଧିକ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି।

ଅନ୍ୟପକ୍ଷରେ ଏଥର ଏସୀୟ କ୍ରୀଡ଼ାରେ ପ୍ରଥମଥର ଭାଗ ନେଇଥିବା ୩୧୦ ଜଣ ଖେଳାଳିଙ୍କ ପ୍ରଦର୍ଶନକୁ ମନ୍ତ୍ରଣାଳୟ ପ୍ରଶଂସା କରିଛି। ସେମାନେ ମୋଟ ୮୫ ପଦକ ମଧ୍ୟରୁ ୪୧ଟି ପଦକ ଜିତିଥିଲେ। ଏହା ନୂଆ ପ୍ରତିଭାଙ୍କୁ ଚିହ୍ନଟ କରି ଆଗକୁ ବଢ଼ାଇବାର ସମ୍ଭାବନାକୁ ଦର୍ଶାଉଛି। ଖେଳାଳିଙ୍କ ପ୍ରଶିକ୍ଷଣ, କ୍ରୀଡ଼ା ବିଜ୍ଞାନ, ମନସ୍ତତ୍ତ୍ୱବିତକୁ ସହାୟତା ଓ ଅଧିକ ପ୍ରତିଯୋଗିତାର ସୁଯୋଗ ବଢ଼ାଇବା ଉପରେ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ହକି ଓଡ଼ିଶାର ସ୍ୱାଗତ

ଭୁବନେଶ୍ୱର,୧୫।୧୦(ସବ୍ୟୁ): ହକି ଇଣ୍ଡିଆର ନିର୍ବାଚନ ପ୍ରକ୍ରିୟାର ବୈଧତାକୁ ଚ୍ୟାଲେଞ୍ଜ କରି ହକି ଇଣ୍ଡିଆ ସଭାପତି ଡକ୍ଟର ଦିଲୀପ କୁମାର ତିର୍କୀ ଦାୟର କରିଥିବା ଏକ ରିଟ୍ ପିଟିସନକୁ ଦିଲ୍ଲୀ ହାଇକୋର୍ଟ ଖାରଜ/ନିଷ୍ପତ୍ତି ନେଇ ଶେଷ କରିଥିବାରୁ ହକି ଓଡ଼ିଶା ଗୁରୁବାର ଏହାକୁ ସ୍ୱାଗତ କରିଛି। ଭାରତୀୟ ହକି ପ୍ରଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ନୈତିକ ବିଜୟ ବୋଲି ହକି ଓଡ଼ିଶା କହିଛି। 'ଡକ୍ଟର ଦିଲୀପ କୁମାର ତିର୍କୀ ବନାମ ଭାରତ ସରକାର ଓ ଅନ୍ୟମାନେ' (ଡବ୍ଲ୍ୟୁପିସି ୧୫୦୮୭/୨୦୨୬) ମାମଲାର ଶୁଣାଣି ଜଷ୍ଟିସ ଅମିତ ମହାଜନ କରିଥିଲେ। ଅଦାଲତ ଏହି ପ୍ରସଙ୍ଗକୁ ହକି ଇଣ୍ଡିଆର ଉପ-ନିୟମ (ବାଏ-ଲ') ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ପଠାଇଛନ୍ତି। ସର୍ବସମ୍ମତି କ୍ରମେ, ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଏ.କେ. ସିକ୍ରିଙ୍କୁ ଅଭିଯୋଗ ନିବାରଣ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେ ଏହି ଅଭିଯୋଗଗୁଡ଼ିକର ଯାଞ୍ଚ କରି ହକି ଇଣ୍ଡିଆର ନିୟମ ଅନୁସାରେ ମାମଲାର ସମାଧାନ କରିବେ। ଏହାପରେ ଉକ୍ତ ରିଟ୍ ପିଟିସନର ସମାପ୍ତି ଘଟିଥିଲା। ହକି ଓଡ଼ିଶା କହିଛି ଯେ, ଏହି ନିଷ୍ପତ୍ତି ଫଳରେ ସମସ୍ୟାଗୁଡ଼ିକୁ ଅନୁଷ୍ଠାନିକ ପ୍ରକ୍ରିୟା ଏବଂ ନିର୍ଦ୍ଧାରିତ ନିୟମ ଅନୁଯାୟୀ ସମାଧାନ କରିବା ଉପରେ ପୁଣି ଗୁରୁତ୍ୱ ପଡ଼ିଛି। ହକି ଆସୋସିଏସନ ଅଫ୍ ଓଡ଼ିଶାର ପ୍ରଶାସନ ଏବଂ ନିର୍ବାଚନ ବ୍ୟବସ୍ଥା ଉପରେ ଚାଲିଥିବା ଚିନ୍ତା ମଧ୍ୟରେ ଏହି ଅଦାଲତ କାର୍ଯ୍ୟାନୁଷ୍ଠାନ ଆସିଛି। ରାଜ୍ୟର ସମୃଦ୍ଧ ହକି ପରମ୍ପରା ଏବଂ ଖେଳାଳିମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ସ୍ୱଚ୍ଛ ତଥା ଗଣତାନ୍ତ୍ରିକ ପ୍ରଶାସନିକ ବ୍ୟବସ୍ଥା ଦାବି କରି ହକି ଓଡ଼ିଶା ବାରମ୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛି। ଏହି ପ୍ରସଙ୍ଗକୁ ହକି ଇଣ୍ଡିଆ ମଧ୍ୟ ଗୁରୁତ୍ୱର ସହ ନେଇଛି। ଅକ୍ଟୋବର ୭ ତାରିଖରେ ହକି ଇଣ୍ଡିଆ ଏକ କାରଣ ଦର୍ଶାଅ ନୋଟିସ ଜାରି କରି ଓଅକ୍ସ କୁ ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟ ଭାବେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ନିୟମ ପାଳନ, ଜିଲ୍ଲା କମିଟି ଗଠନ ଏବଂ ଭୋଟର ତାଲିକା ପ୍ରସ୍ତୁତିରେ ତ୍ରୁଟି ଥିବା ଦର୍ଶାଯାଇଥିଲା। ନୋଟିସରେ ଉଲ୍ଲେଖ କରାଯାଇଥିଲା ଯେ, ସମସ୍ତ ୩୦ଟି ଜିଲ୍ଲା କମିଟିରେ ନିର୍ବାଚନ ହୋଇଥିବାର କୌଣସି ଲିଖିତ ପ୍ରମାଣ ନାହିଁ ଏବଂ ସେମାନଙ୍କ ପ୍ରତିନିଧିମାନେ କିପରି ଓଅକ୍ସ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଲେ, ସେ ନେଇ ପ୍ରଶ୍ନ ଉଠିଥିଲା। ଏହି ପ୍ରସ୍ତାବିତ ପଦକ୍ଷେପ ବର୍ତ୍ତମାନ ଓଅକ୍ସ ର ଉତ୍ତର ଏବଂ ହକି ଇଣ୍ଡିଆର ଯାଞ୍ଚ ଅଧୀନରେ ରହିଛି। ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ କହିଛନ୍ତି, "ଭାରତୀୟ ହକିରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନିୟମ ପାଳନ ପାଇଁ ଦାବି କରୁଥିବା ଲୋକଙ୍କ ପାଇଁ ଏହା ଏକ ନୈତିକ ବିଜୟ। ହାଇକୋର୍ଟ ଏହି ମାମଲାକୁ ହକି ଇଣ୍ଡିଆର ନିଜସ୍ୱ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ପଠାଇଛନ୍ତି। ଆମେ ଆଶା କରୁଛୁ ଯେ ଏହି ପ୍ରକ୍ରିୟା ମାଧ୍ୟମରେ ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ ହେବ ଏବଂ ଉତ୍ତମ ଶାସନ ବଜାୟ ରହିବ। ସେ ଆହୁରି ମଧ୍ୟ କହିଛନ୍ତି, "ଆମେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ହକି ପ୍ରଶାସନରେ ସ୍ୱଚ୍ଛ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ବାରମ୍ବାର ଦାବି କରିଆସିଛୁ। ହକି ଇଣ୍ଡିଆ ନିଜେ କାରଣ ଦର୍ଶାଅ ନୋଟିସ ଜାରି କରି ଓଅକ୍ସ ର ପରିଚାଳନା ଉପରେ ଗୁରୁତର ପ୍ରଶ୍ନ ଉଠାଇଥିବାରୁ, ପ୍ରତ୍ୟେକ ଅଭିଯୋଗର ଉଚିତ ସମାଧାନ ହେବା ଏବଂ ପ୍ରତ୍ୟେକ ନିଷ୍ପତ୍ତି ନିୟମ ଅନୁଯାୟୀ ହେବା ନିତାନ୍ତ ଜରୁରୀ। ହକି ଓଡ଼ିଶା ଆଶା ପ୍ରକାଶ କରିଛି ଯେ ଏହି ଅଭିଯୋଗ ନିବାରଣ ପ୍ରକ୍ରିୟାରେ ସମସ୍ତ ପ୍ରସଙ୍ଗର ଉଚିତ ତଥା ନିରପେକ୍ଷ ଯାଞ୍ଚ ହେବ। ଏହାସହ, ରାଜ୍ୟରେ ହକି ପ୍ରଶାସନକୁ ନେଇ ରହିଥିବା ସମସ୍ୟାଗୁଡ଼ିକୁ ସହାନୁଭୂତିର ସହ ଦେଖିବାକୁ ଏବଂ ଆଭ୍ୟନ୍ତରୀଣ ବିବାଦ ଯେପରି ରାଜ୍ୟର ହକି ପରିବେଶ, ଖେଳାଳି ଏବଂ ଐତିହ୍ୟ ଉପରେ ପ୍ରଭାବ ନ ପକାଏ, ତାହା ନିଶ୍ଚିତ କରିବାକୁ ସଂସ୍ଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି।

# ରେଭେନ୍ସା ମର୍ଣ୍ଣିଂ ଦଳ ଚାମ୍ପିଅନ

ଭୁବନେଶ୍ୱର,୧୫।୧୦(ସବ୍ୟୁ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟାର ଅସୋସେଶନ ଆନୁକୂଲ୍ୟରେ ସ୍ୱର୍ଗତ କେଦାର ନାଥ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚତୁର୍ଥ ଏକ ଦିବସୀୟ ଦିବାରାତ୍ର ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ କଟକର ବିଡ଼ାନାସୀ ଓ ରେଭେନ୍ସା ମର୍ନିଂ ଭେଟେରାନ ଏବଂ ଭୁବନେଶ୍ୱର ଜାଗମରା ଓ ଭୁବନେଶ୍ୱର ଭେଟେରାନ ଟିମ୍ ଯୋଗଦେଇଥିଲେ । ଫାଇନାଲରେ କଟକର ରେଭେନ୍ସା ମର୍ନିଙ୍ଗ ଟିମ୍ ଭୁବନେଶ୍ୱର ଭେଟେରାନ ଦଳକୁ (୪-୩ ) ଟାଇ-



ବ୍ରେକର ଜରିଆରେ ହରାଇ ଚାମ୍ପିଆନ ଆଖ୍ୟା ଅର୍ଜନ କରିଛି । ଅତିଥି ଭାବେ ଅଲମ୍ପିକ ଆସୋସେସନର ସଭାପତି ସମୀର ମହାନ୍ତି, ନୀତା ଫୁଟବଲ ଏକାଡେମୀର ଅଧ୍ୟକ୍ଷ ସୁବ୍ରତ ଦାସ, ସିନେ ତାରକା ଜିନା ସାମଲ ଓ ରୁଦ୍ର ପାଣିଗ୍ରାହୀ, ଆର କେ ମଣ୍ଡଳ,ଅଶୋକ ପଟ୍ଟନାୟକ, ମନୋଜ ମିଶ୍ର,ସ୍ୱର୍ଗତ କେଦାର ନାଥ ମିଶ୍ରଙ୍କର ସୁପୁତ୍ର ଚୌଧୁରୀ ବାବୁ ମିଶ୍ର ସମେତ ଅନୁଷ୍ଠାନର ସଭାପତି ନବ ରଞ୍ଜନ ପଟ୍ଟନାୟକ, ଉପ ସଭାପତି ବିରଞ୍ଚି ନାରାୟଣ ମହାନ୍ତି, ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, କୋଷାଧ୍ୟକ୍ଷ ଶ୍ରୀମନ୍ତ ମହାନ୍ତି ଉପସ୍ଥିତ ଥିଲେ । ମହେଶ୍ୱର ସିଂ ମଞ୍ଚ ପରିଚାଳନା କରିଥିଲେ । ଚୌଧୁରୀ ବାବୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି : ଓଡିଶା ବିଜୟୀ

ବଲାଙ୍ଗୀର,୧୫।୧୦(ସବ୍ୟୁ):ବଲାଙ୍ଗିର ସ୍ଥାନୀୟ ଗାନ୍ଧିଷ୍ଟାଡିୟମ ବଲାଙ୍ଗୀର ଠାରେ କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି ଉଦଯାପିତ ହୋଇଯାଇଛି । ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଓ ଓଡିଶା କ୍ରିକେଟ ଆସୋସିଏସନ ମିଳିତ ଆୟୋଜନରେ ଓଡିଶା ଦଳ ବିହାର ଦଳକୁ ହରାଇ ବିଜୟ ହାସଲ କରିଛି । ଉଦଯାପନି ସମାରୋହ ରେ ଜିଲ୍ଲା କ୍ରୀଡା ସଂସଦ ର ସଭାପତି ଶ୍ରୀକର ମିଶ୍ର ଙ୍କ ଅଧ୍ୟକ୍ଷତାରେ ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଖେଳରେ ସଂସଦର ଉପସଭାପତି ଡକ୍ଟର ପ୍ରହଲ୍ଲାଦ ଶତପଥି ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ , ଶତୃଘନ ସିଂ , କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ କ୍ରିଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା , କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର , ଗୌର ପ୍ରଧାନ , ରବିନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ । କ୍ରିକେଟ କୋଚ ଅରୁଣ କୁମାର ନାଏକ , ବିକ୍ରମ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଜି ଚତୁର୍ଥ ଦିବସ ର ଖେଳରେ ଓଡିଶା ଦଳ ୬୬ ରନ ବିନିମୟରେ ୨ ୱିକେଟ ହରାଇ ଖେଳ ଆରମ୍ଭ କରିଥିଲେ । ବିଜୟ ହାସଲ ପାଇଁ ଓଡିଶାକୁ ୪୩୮ ରନର ଆବଶ୍ୟକତା ଥିବାବଳେ ଓଡିଶା ଦଳ ଏହି ଲକ୍ଷକୁ ହାସଲ କରି ବିଜୟୀ ହୋଇଥିଲେ । ଓଡିଶା ଦଳ ପକ୍ଷରୁ ସୁଜନ ସିଂ ଅପରାଜିତ ୧୭୯ ରନ କରିଥିଲେ ଏବଂ ଏହି ଦଳର ପାଙ୍କାଲା ସସାଙ୍କ ୯୨ ରନ କରିଥିଲେ । ସୁଜନ ସିଂ ଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ ପ୍ରଦାନ କରାଯାଥିବା ବେଳେ । ସମୁଦାୟ ମ୍ୟାଚ ରେ ୫ ଟି ୱିକେଟ ଅକ୍ତିଆର କରିଥିବା ଓଡିଶା ଦଳର ଓମକାର ମହାନ୍ତି ଙ୍କୁ ଉଦୀୟମାନ ଖେଳାଳୀ ଭାବରେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମ୍ୟାଚ ରେଫରୀ ଅମ୍ପେୟାର ଏବଂ କୋଚ ମ୍ୟାନେଜର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ କ୍ରୀଡା ସଂସଦ ର ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇଆଇଟି ବିଏଚୟୁ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ସୋଆ ଛାତ୍ରଛାତ୍ରୀଙ୍କ ବାଜିମାତ୍

ଭୁବନେଶ୍ୱର,୧୫।୧୦(ସବ୍ୟୁ): ଆଇଆଇଟି (ବିଏଚୟୁ) ବାରଣାସୀ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡା ମହୋତ୍ସବ 'ସ୍ୱର୍ଦ୍ଧା ୨୦୨୬ଦରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହିଳା ବିଭାଗ ଉଭୟ କବାଡି ଓ ବାସ୍କେଟବଲରେ ସୋଆ ଦଳ ଚାମ୍ପିଅନ ହୋଇଛନ୍ତି। ମହିଳା କବାଡି, ବାସ୍କେଟବଲ ଦଳ ଚାମ୍ପିଅନ, ପୁରୁଷ ଖୋ ଖୋ, କବାଡି ଦଳ ରନର୍ସଅପ୍, ମହିଳା ଖୋ ଖୋ ଦଳ ତୃତୀୟ ହୋଇଥିବା ବେଳେ ଉନ୍ନତ ପ୍ରଦର୍ଶନ ପାଇଁ ସୋଆକୁ 'ବେଷ୍ଟ ଆଉଟ୍ଷ୍ଟେସନଦ ଦଳ ପୁରସ୍କାର ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କର ଏହି ସଫଳତା ନିମନ୍ତେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନନ୍ଦ ବ୍ୟକ୍ତ କରିଛନ୍ତି ଓ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବାରଣାସୀରୁ ଫେରିବା ପରେ ଛାତ୍ରଛାତ୍ରୀମାନେ ଗୁରୁବାର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ସ୍ପୋର୍ଟ୍ସ ଅଫିସର ସୁନୀତା ବର୍ମାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଚଳିତ ଅକ୍ଟୋବର ୯ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦ୍ଯାପିତ ହୋଇଥିଲା। 'କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ, ଖୋ ଖୋ, କବାଡି ଓ ବାସ୍କେଟବଲ ପ୍ରଭୃତି କ୍ରୀଡାରେ ସୋଆ ବିଶ୍ୱବିଦ୍ୟାଳୟରୁ ୧୪୦ ଜଣ ଖେଳାଳି ଓ ୧୦ଜଣ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।



# ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନରେ ପଦକ ନିଶ୍ଚିତ କଲେ ଜଗଶେର

ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନ୍ ଚାମ୍ପିଅନସିପରେ ଭାରତର ଜଗଶେର ସିଂହ ଖଙ୍ଗୁରା ପଦକ ନିଶ୍ଚିତ କରିଛନ୍ତି। ଇଜିପ୍ଟର କାଇରୋଠାରେ ଚାଲିଥିବା ପ୍ରତିଯୋଗିତାର ପୁରୁଷ ଏକକ କ୍ୱାର୍ଟର ଫାଇନାଲ୍ରେ ସେ ଚାଇନିଜ୍ ତାଇପେଇର ୟୁଆନ୍-ସ୍ୟୁ ଝୁଆଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପଞ୍ଜାବର ନାଭା ସହରର ଜଗଶେର ପ୍ରଥମ ଗେମ୍ ହାରିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ୬-୧୫, ୧୭-୧୫, ୧୫-୧୨ ଗେମ୍ରେ ଝୁଆଙ୍ଗଙ୍କୁ ହରାଇବା ପାଇଁ ୪୮ ମିନିଟ୍ ସମୟ ନେଇଥିଲେ। ଏହି ସଫଳତା ସହ ବିଶ୍ୱ ଜୁନିୟର ଚାମ୍ପିଅନସିପରେ ପୁରୁଷ ଏକକ ବର୍ଗରେ ପଦକ ଜିତିବାକୁ ଯାଉଥିବା ଭାରତର ନବମ ଖେଳାଳି ହୋଇଛନ୍ତି ସେ। ଭାରତ ଏପର୍ଯ୍ୟନ୍ତ ବିଶ୍ୱ ଜୁନିୟର ବ୍ୟାଡମିଣ୍ଟନରେ ଗୋଟିଏ ସ୍ୱର୍ଣ୍ଣ, ପାଞ୍ଚଟି ରୌପ୍ୟ ଓ ଛଅଟି କାଂସ୍ୟ ସହ ମୋଟ ୧୨ଟି ପଦକ ଜିତିଛି। ଏବେ ୧୪ତମ ମାନ୍ୟତାପ୍ରାପ୍ତ ଜଗଶେର ଫାଇନାଲ୍ରେ ପହଞ୍ଚିବା ଲକ୍ଷ୍ୟରେ ରହିବେ। ସେମିଫାଇନାଲରେ ତାଙ୍କର ମୁକାବିଲା ଇଣ୍ଡୋନେସିଆର ୩୧ତମ ମାନ୍ୟତାପ୍ରାପ୍ତ ରାଦିଥ୍ୟା ବାୟୁ ୱାର୍ଧନାଙ୍କ ସହ ହେବ। ଅନ୍ୟପକ୍ଷରେ ମହିଳା ଏକକ ବର୍ଗରେ ଭାରତର ଶାଇନା ମଣିମୁଥୁଙ୍କ ପଦକ ଆଶା ଶେଷ ହୋଇଛି। ଏସୀୟ ୧୭ ବର୍ଷରୁ କମ୍ ପ୍ରତିଯୋଗିତାର ରୌପ୍ୟ ପଦକ ବିଜେତା ଶାଇନା କ୍ୱାର୍ଟର ଫାଇନାଲରେ ଚୀନ୍ର ୟି କ୍ୱିଙ୍ଗ୍ ୟିନଙ୍କଠାରୁ ୫-୧୫, ୮-୧୫ରେ ପରାସ୍ତ ହୋଇଛନ୍ତି। ତେବେ ଜଗଶେରଙ୍କ ସଫଳତା ଭାରତୀୟ ଦଳ ପାଇଁ ଆଶା ସଞ୍ଚାର କରିଛି।







ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୁଡାଉନ୍ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୦୬୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୬୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।


# ବ୍ୟାଡମିଣ୍ଟନରେ ବଲାଙ୍ଗୀର, ବାଲେଶ୍ୱର, ଗଜପତି ଓ କେନ୍ଦୁଝର ବିଜୟୀ: କ୍ରିକେଟରେ କଟକ ଚାମ୍ପିଅନ

ବଲାଙ୍ଗୀର,୧୫।୧୦(ସବ୍ୟୁ): ବଲାଙ୍ଗୀର ସହରରେ ଆୟୋଜିତ ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ, ଫେନ୍ସିଂ, ଥାଙ୍ଗ-ତା ଓ କ୍ରିକେଟ ପ୍ରତିଯୋଗିତା-୨୦୨୬ର ବ୍ୟାଡମିଣ୍ଟନ ଓ କ୍ରିକେଟ ଚାମ୍ପିୟନସିପ୍ ଉତ୍ସାହ ଓ ଉଦ୍ଦୀପନାର ସହ ଉଦଯାପିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନରେ ବଲାଙ୍ଗୀର, ବାଲେଶ୍ୱର, ଗଜପତି ଓ କେନ୍ଦୁଝର ଜିଲ୍ଲା ବିଜୟୀ ହୋଇଥିବା ବେଳେ କ୍ରିକେଟରେ କଟକ ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ ହୋଇଛି। ବଲାଙ୍ଗୀର ସହରସ୍ଥିତ ପିଆର୍ ହାଇସ୍କୁଲ ଇଣ୍ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମଠାରେ ଗତ ୧୨ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୪ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ବିଦ୍ୟାଳୟସ୍ତରୀୟ ଖେଳାଳିମାନେ ଏଥିରେ ଭାଗ ନେଇ ନିଜର କ୍ରୀଡ଼ା ଦକ୍ଷତା, ଶୃଙ୍ଖଳା ଓ ଖେଳୁଆଡ଼ ମନୋଭାବର ପରିଚୟ ଦେଇଥିଲେ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଆୟୋଜକ ବଲାଙ୍ଗୀର ଜିଲ୍ଲା ଉଲ୍ଲେଖନୀୟ ପ୍ରଦର୍ଶନ କରି ପଡ଼ୋଶୀ ବରଗଡ଼ ଜିଲ୍ଲାକୁ ୨-୦ ସେଟ୍ରେ ପରାସ୍ତ କରି ବିଜୟ ହାସଲ କରିଥିଲା। ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ବାଲେଶ୍ୱର ଜିଲ୍ଲା ଢେଙ୍କାନାଳକୁ ୨-୦ ସେଟ୍ରେ ପରାସ୍ତ କରିଥିଲା। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଗଜପତି ଜିଲ୍ଲା ଢେଙ୍କାନାଳକୁ ୨-୧ ସେଟ୍ରେ ପରାସ୍ତ କରିଥିବା ବେଳେ କେନ୍ଦୁଝର ଜିଲ୍ଲା ପୁରୀକୁ ୨-୦ ସେଟ୍ରେ ପରାସ୍ତ କରି ବିଜୟୀ ଲାଭ କରିଛନ୍ତି। ଏହି ମ୍ୟାଚଗୁଡ଼ିକରେ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ନିଜ ନିଜ ଜିଲ୍ଲାର ଗୌରବ ବୃଦ୍ଧି କରିଥିଲେ ଅନ୍ୟପକ୍ଷରେ, ବଲାଙ୍ଗୀର ଟାଉନ ସରକାରୀ ବାଳକ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚକୁ କଟକ ଦଳ ଭୁବନେଶ୍ୱରକୁ ୯ ୱିକେଟ ପରାସ୍ତ କରି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚକୁ ଟସ୍ ଜିଣି ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର ଦଳ ୧୫ ଓଭରରେ ୮ଟି ୱିକେଟ୍ ହରାଇ ମୋଟ ୫୪ ରନ୍ ସଂଗ୍ରହ କରିଥିଲା ଏହା ର ଜବାବରେ କଟକ ଦଳ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୧୧ ଓଭର ୪ଟି ବଲରେ ଗୋଟିଏ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଫଳରେ କଟକ ୯ ୱିକେଟରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲା। କଟକ ଦଳର ପ୍ରତିଭାଶାଳୀ ଖେଳାଳି ପ୍ରତିଷ୍ଠା ପ୍ରିୟଦର୍ଶିନୀ ସିଂ ୨୬ ରନ୍ କରି ଅପରାଜିତ ରହି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଭାଙ୍କୁ ନୂଆ ମଞ୍ଚ ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବ ଛାତ୍ରଛାତ୍ରୀମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଛି। ବିଜୟୀ ଦଳଗୁଡ଼ିକର ଖେଳାଳିମାନେ ନିଜ ଜିଲ୍ଲା ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବେଳେ ଏଭଳି ପ୍ରତିଯୋଗିତା ରାଜ୍ୟରେ କ୍ରୀଡ଼ା ସଂସ୍କୃତିର ବିକାଶ, ନୂତନ ପ୍ରତିଭାର ଅନ୍ୱେଷଣ ଏବଂ ଭବିଷ୍ୟତରେ ଉଚ୍ଚସ୍ତରୀୟ ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି।





ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/
store/app/details/
id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି